## ସଂକ୍ଷେପରେ

### ବୃଦ୍ଧାଙ୍କୁ ଦଳି ମାରିଦେଲା ହାତୀ

**ରେଢ଼ାଖୋଲ,୨୧।୫(ଡି.ଏନ.ଏ.):** ରେଢ଼ାଖୋଲ ରେଞ୍ଜ ଡଇଁଚା ପଞ୍ଚାୟତ ଅଧୀନ ଗୋପାଳପୁର ଗ୍ରାମର ନନି ସାମାଡ (୬୦) ନାମ୍ନୀ ମହିଳାଙ୍କୁ ଶନିବାର ଏକ ହାତୀ ଦଳି ମାରିଦେଇଛି। ନନି ସକାଳ ୭ଟା ବେଳେ ଗ୍ରାମ ନିକଟ ଜଙ୍ଗଲକୁ କେନ୍ଦୁପତ୍ର ତୋଳିବାକୁ ଯାଇଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ। ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ଆମ୍ବୁଲାନ୍ସ ଯୋଗେ ରେଢାଖୋଲ ଡାକ୍ତରଖାନା ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ନିମ୍ନମାନର ମଧ୍ୟାହ୍ନଭୋଜନ ଅଭିଯୋଗ

**ପଡିଆବାହାଲ, ୨୧।୫(ଡି.ଏନ.ଏ.):** ଯୁଯୁମୁରା ବ୍ଲକ ଘେନୁପାଲି ପଂଚାୟତ ବଡ଼ସାହିର ନୋଡାଲ ଉଚ୍ଚ ବିଦ୍ୟାଳୟ ରେ କିଛି ଦିନ ହେଲା ନିମ୍ନମାନର ମଧ୍ୟାହ୍ନ ଭୋଜନ ଦିଆଯାଉଥିବାରୁ କୋମଳମତି ଛାତ୍ରୀଛାତ୍ର ଏହାକୁ ନ ଖାଇ ନଷ୍ଟ କରି ଦେଉଥିବା ଅଭିଯୋଗ ହୋଇଛି। ଏମ୍‌ଡ଼ିଏମ୍ ଦାୟିତ୍ୱରେ ଥିବା ସ୍ୱୟଂ ସହାୟକ ଗୋଷ୍ଠୀକୁ ତାଗିଦ କରାଯିବା ସତ୍ତ୍ୱେ ସୁଧୁରୁ ନ ଥିବାରୁ ଅନ୍ୟ କାହାକୁ ଦାୟିତ୍ୱ ଦେବାକୁ ଅଶୋକ ଷଡ଼ଙ୍ଗୀଙ୍କ ନେତୃତ୍ୱରେ ବହୁ ଅଭିଭାବକଙ୍କ ସ୍ୱାକ୍ଷର ଥିବା ଦାବିପତ୍ର ଶିକ୍ଷାଧିକାରୀଙ୍କୁ ଦିଆଯାଇଛି। ସ୍କୁଲ ସଭାପତି ଅମରେଶ ଘଟଣାକୁ ସ୍ୱୀକାର କରିଛନ୍ତି। ଏବିଇଓ ରବି ନାରାୟଣ ଅଭିଯୋଗ ପାଇଥିବା ସ୍ୱୀକାର କରି ତଦନ୍ତ ପରେ ବିହିତ ପଦକ୍ଷେପ ନେବେ ବୋଲି କହିଛନ୍ତି।

### କେଶାପାଲି ନାଗେଶ୍ୱର ବାବାଙ୍କ ମନ୍ଦିର ପ୍ରତିଷ୍ଠା

**ସମ୍ବଲପୁର,୨୧।୫(ବ୍ୟୁରୋ): ଯୁଯୁମୁରା ବ୍ଲକ କେଶାପାଲି ଗ୍ରାମରେ ନାଗେଶ୍ୱର** ବାବାଙ୍କ ମନ୍ଦିର ପ୍ରତିଷ୍ଠା ହୋଇଛି। ଶନିବାର ପ୍ରଥମ ଦିନରେ ସ୍ଥାନୀୟ ପୋଖରୀରୁ କଳସ ଯାତ୍ରା ବାହାରି ପୂଜା ମଣ୍ଡପରେ କଳସ ସ୍ଥାପନ କରାଯାଇଥିଲା। ରୀତି ନୀତି ଅନୁସାରେ ପୂଜା ଆରମ୍ଭ ହୋଇଥିଲା। କର୍ତ୍ତା ଭାବେ ଅଶୋକ ପ୍ରଧାନ, କ୍ଷମାନିଧି ବିଶ୍ୱାଳ, ପ୍ରହ୍ଲାଦ ବିଶ୍ୱାଳ, ନୀଳମଣି ପ୍ରଧାନ, କେଶନ ସାହୁ ସହ ଧର୍ମିଣିମାନଙ୍କ ସହ ଦାୟିତ୍ୱ ତୁଲାଇଥିଲେ। ସନ୍ଧ୍ୟାରେ ପାଲା ପରିବେଷଣ ହୋଇଥିଲା। ରବିବାର ଲିଙ୍ଗ ସ୍ଥାପନ, ହୋମ ଓ ପୂର୍ଣ୍ଣାହୁତି ସମ୍ପନ୍ନ ହେବ।

### ବସ୍‌ରେ ମଦ ଚାଲାଣ

**ଜମନକିରା,୨୧।୫(ଡି.ଏନ.ଏ.):** ଜମନକିରା ଥାନା ସଦର ମହକୁମାରେ ଶନିବାର ଏକ ବିଦେଶୀ ମଦ ଦୋକାନରେ କାମ କରୁଥିବା ଦୁଇ ଯୁବକ ବସ୍‌ରେ ବିଦେଶୀ ମଦ ଚାଲାଣ କରୁଥିବା ବେଳେ ସ୍ଥାନୀୟ ସଚେତନ ଯୁବକ ଏହାକୁ ଜବତ କରି ପୋଲିସ ଜିମା ଦେଇଛନ୍ତି। ପୋଲିସ ପହଞ୍ଚି ମଦ ପେଟି ଜବତ କରିବା ସହ ୨ ଜଣଙ୍କୁ ଅଟକ ରଖି ପଚରାଉଚୁରା କରୁଛି। ଯୁବକମାନେ କହିବା କଥା ଘରୋଇ ବସ୍‌ରେ ପ୍ରତ୍ୟହ ୫ରୁ ୭ପେଟି ମଦ ବିଭିନ୍ନ ଢାବାକୁ ଯାଇଥାଏ। ପୂର୍ବାହ୍ନରେ ଅଭିଯୁକ୍ତ ଦ୍ରବ୍ୟ ମଦ ଲୋଡ୍ କରୁଥିବା ଦେଖି ବସ୍‌କୁ ଅଟକାଇଥିଲୁ। ପରେ ୩ ପେଟି ମଦ ପୋଲିସ ଜିମା ଦେଇଛୁ।

# ବିଦ୍ୟୁତ୍ ସଞ୍ଚୟ ଉପରେ ଗୁରୁତ୍ୱ

**ସମ୍ବଲପୁର,୨୧।୫ (ବ୍ୟୁରୋ)**

ସମ୍ବଲପୁର ହୀରାକୁଦଠାରେ ଉଚ୍ଚକ୍ଷମତା ସମ୍ପନ୍ନ ସବ୍‌ଷ୍ଟେଶନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲରେ ଲୋକାର୍ପଣ କରିଛନ୍ତି। ଉଦଘାଟନୀ ଉତ୍ସବ ସ୍ଥଳରେ ଶ୍ରମମନ୍ତ୍ରୀ ସୁଶାନ୍ତ ସିଂ, ଜିଲା ପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ, ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ବି. ଗଙ୍ଗାଧର, ସଦର ଉପଜିଲାପାଳ ସୂର୍ଯ୍ୟବଂଶୀ ମୟୁର ବିକାଶ ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟବାସୀଙ୍କୁ ଗୁଣାତ୍ମକ ବିଦ୍ୟୁତ୍ ସେବା ଯୋଗାଣ ନିମନ୍ତେ ୪୫୦ କୋଟି ବ୍ୟୟରେ ନିର୍ମିତ ହୀରାକୁଦ ସମେତ ଓଡିଶାର ରାୟଗଡା, ନବରଙ୍ଗପୁର, କଳାହାଣ୍ଡି, କେନ୍ଦୁଝର ଓ ଖୋର୍ଦ୍ଧାରେ

**ହୀରାକୁଦଠାରେ ଉଚ୍ଚକ୍ଷମତାସମ୍ପନ୍ନ ସବ୍‌ଷ୍ଟେଶନ ଲୋକାର୍ପଣ**


ହୀରାକୁଦରେ ସବ୍‌ଷ୍ଟେଶନ ଲୋକାର୍ପଣ ଉତ୍ସବରେ ଅତିଥିମାନେ ।

ଉଚ୍ଚକ୍ଷମତା ସମ୍ପନ୍ନ ଗ୍ରୀଡ୍‌ସବ୍‌ଷ୍ଟେଶନ ସରବରାହ ଲାଇନକୁ ମୁଖ୍ୟମନ୍ତ୍ରୀ ଏବଂ କେସିଙ୍ଗାଠାରେ ୨୨୦ କେଭି ଭର୍ଚୁଆଲ ମୋଡ଼ରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପଣ କରିଛନ୍ତି। ୫୦ କୋଟି ଟଙ୍କା ବ୍ୟୟରେ ହୀରାକୁଦଠାରେ ସ୍ଥାପନ ହୋଇଥିବା ସବ୍‌ଷ୍ଟେଶନ ପଶ୍ଚିମ ଓଡିଶାର ପ୍ରଥମ। ଏହି ଷ୍ଟେଶନ ସ୍ଥାପନ ଫଳରେ ହୀରାକୁଦ, ମେଡିକାଲ, ରେମେଡ଼, ସମ୍ବଲପୁର, ଗାନ୍ଧୀନଗର ଇତ୍ୟାଦି ସ୍ଥାନକୁ ନିରବଚ୍ଛିନ୍ନ ବିଦ୍ୟୁତ୍‌ସେବା ଯୋଗାଣ ହୋଇପାରିବ। ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ ବିଜୁଳି ଶକ୍ତି ସଞ୍ଚୟ ଉପରେ ଗୁରୁତ୍ୱ ଦେଇଥିଲେ। ଦରକାର ନ ଥିବା ସମୟରେ ବିଜୁଳି ଶକ୍ତି ନଷ୍ଟ ନ କରିବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ। ବିଦ୍ୟୁତ୍ ଶକ୍ତି ଆମ ଓଡ଼ିଶାର ଲାଇଫ୍ ଲାଇନ। ଯେତିକି ବିଜୁଳି ସଞ୍ଚୟ କରି ରଖିପାରିବା ସେତିକି ଆମ ପର ପିଢ଼ି ପାଇଁ ସହାୟକ ହେବ ବୋଲି ସେ କହିଛନ୍ତି।

## ବିଜେଡି କର୍ମୀଙ୍କ ଘରବାହୁଡ଼ା

**ଝାରସୁଗୁଡ଼ା ଅଫିସ,୨୧।୫**

ବ୍ରଜରାଜନଗର ଉପନିର୍ବାଚନରେ ପୂର୍ବତନ ବିଧାୟକ ସ୍ୱର୍ଗତ କିଶୋର ମହାନ୍ତିଙ୍କ ସ୍ତ୍ରୀ ଅଳକା ମହାନ୍ତିଙ୍କୁ ବିପୁଳ ଭୋଟରେ ବିଜୟୀ କରିବା ପାଇଁ ବିଜେଡି ନେତା ଓ ମନ୍ତ୍ରୀ ପ୍ରୟାସ ଚଳାଇଛନ୍ତି। ଏଥିପାଇଁ ପ୍ରଚାର ଦାୟିତ୍ୱରେ ଥିବା ନେତାମାନେ ଅସନ୍ତୁଷ୍ଟ କର୍ମୀଙ୍କୁ ମନେଇବାରେ ଲାଗିଛନ୍ତି। ବ୍ରଜରାଜନଗର ନିର୍ବାଚନମଣ୍ଡଳୀର ଲଖନପୁର ବ୍ଲକ ଅଞ୍ଚଳରେ କେତେକ ଅସନ୍ତୁଷ୍ଟ କର୍ମୀଙ୍କୁ ଦାୟିତ୍ୱରେ ଥିବା ଶିକ୍ଷାମନ୍ତ୍ରୀ ସମୀର ଦାଶ ବୁଝାସୁଝା କରି ଘର ବାହୁଡା କରାଇଛନ୍ତି। ସେ କହିଛନ୍ତି ଦଳର କର୍ମୀଙ୍କ ମଧ୍ୟରେ ଯେଉଁ ମନମାଳିନ୍ୟ ରହିଥିଲା ତାହା ଦୂର ହୋଇପାରିଛି। ଫଳରେ ଏଠାରେ ଦଳ ନିଶ୍ଚିତ ଭଲ କରିବ। ଘରବାହୁଡା ହୋଇଥିବା କର୍ମୀ ସୁନିଲ ମହାନ୍ତି, ପୂର୍ବତନ ସରପଞ୍ଚ ରାଜେନ୍ଦ୍ର ନାୟକ, ନାଏବ ସରପଞ୍ଚ ଅଶୋକ କୁମାର ସ୍ୱାଇଁ, ଦିଲୀପ ମହାନ୍ତି, ପ୍ରଫୁଲ୍ଲ ପ୍ରଧାନ, ପ୍ରକାଶ ପାଢୀ, କୈଳାସ ପାତ୍ର ପ୍ରମୁଖ ୫୧ଜଣଙ୍କୁ ମନ୍ତ୍ରୀ ଦାଶ ଉତ୍ତରୀୟ ପ୍ରଦାନ କରି ଦଳକୁ ସ୍ୱାଗତ କରିଥିଲେ।


ଶିକ୍ଷାମନ୍ତ୍ରୀଙ୍କ ସହିତ ଦଳରେ ଯୋଗଦେଇଥିବା କର୍ମୀମାନେ।

## ରୋଜଗାର ଦେବାକୁ ଏସ୍‌ପିର ରାଜ୍ୟପାଳଙ୍କୁ ଦାବିପତ୍ର



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଦଳର କର୍ମକର୍ତ୍ତା ।

**ସମ୍ବଲପୁର,୨୧।୫(ବ୍ୟୁରୋ)**

ସମାଜବାଦୀ ପାର୍ଟି (ଲୋହିୟା ବାହିନୀ) ପକ୍ଷରୁ ଉତ୍ତରାଞ୍ଚଳ ରାଜସ୍ୱ କମିଶନ ଜରିଆରେ ରାଜ୍ୟପାଳଙ୍କୁ ଶନିବାର ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରମୁଖ ଦାବି ମଧ୍ୟରେ ଅସଂଗଠିତ କ୍ଷେତ୍ରରେ ଚାକିରି ପାଇଁ ଚାହିଦା ସୃଷ୍ଟି, ସହରରେ ନିଯୁକ୍ତି ପାଇଁ ଏମ୍‌ଏସ୍‌ଏମ୍‌ଇକୁ ପ୍ରାଥମିକତା, ରାଜ୍ୟରେ ବନ୍ଦ ପଡିଥିବା କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ କାର୍ଯ୍ୟକ୍ଷମ କରି ରୋଜଗାର ସୃଷ୍ଟି, ଅବସର ପରେ ପୁନଃ ନିଯୁକ୍ତି ବ୍ୟବସ୍ଥା ବନ୍ଦ କରି ବେକାର ଯୁବତୀଯୁବକଙ୍କୁ ନିଯୁକ୍ତି ଅନ୍ୟତମ। ସେହିପରି ବଡ ବଡ ଶିଳ୍ପରେ ସ୍ଥାନୀୟ ନିଯୁକ୍ତି, ଶିକ୍ଷା ସମାପ୍ତି ପରେ ନିଯୁକ୍ତି ପାଇଁ ସରକାର ସୁନିଶ୍ଚିତ କରିବା, ରାଜ୍ୟରେ ଖାଲି ପଡିଥିବା ୧ ଲକ୍ଷ ୩୧ ହଜାର ପଦବୀ ପୂରଣ, ଅନ୍ୟ ରାଜ୍ୟ ଭଳି ବେକାର ଯୁବତୀଯୁବକଙ୍କୁ ୫ରୁ ୭ ହଜାର ଟଙ୍କା ଲେଖାଏ ଭତ୍ତା ପ୍ରଦାନ କରିବାକୁ ଦାବି କରିଥିଲେ। ଓଡ଼ିଶା ସାଂସ୍କୃତିକ ସମାଜ ଭବନଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ପାର୍ଟିର କର୍ମକର୍ତ୍ତା ଦର୍ଶାଇଥିଲେ, ରାଜ୍ୟ ତଥା ସମ୍ବଲପୁର ଜିଲାରେ ଯୁବତୀଯୁବକ ଉଚ୍ଚ ଶିକ୍ଷିତ ହେବା ପରେ ମଧ ଚାକିରି ମିଳୁ ନାହିଁ। ଏପରି କି ଅନେକ ଯୋଜନା ଥିଲେ ମଧ କୌଣସି ସେମାନେ ଉପକୃତ ହୋଇପାରୁ ନାହାନ୍ତି। ଶୀଘ୍ର ଏହାର ସମାଧାନ କରାଯାଉ ବୋଲି ଦାବି କରିଥିଲେ। ଏଥିରେ ଜିଲା ସଭାପତି ଅନିଲ କୁମାର ଯାଦବଙ୍କ ସମେତ ପ୍ରଦୀପ ମିଶ୍ର, ମନିଶ ଗୁପ, ମୁକେଶ ଭଗରତି, କହ୍ନେୟା ଯାଦବ, ପ୍ରକାଶ ଯାଦବ, ମହମ୍ମଦ ଅକତର, ପୂର୍ଣ୍ଣଚନ୍ଦ୍ର ବାରିକ, ରାକେଶ ଗର୍ଡିଆ ଉପସ୍ଥିତ ଥିଲେ।

## ରକ୍ତ ଅଭାବ ଦୂର ପାଇଁ ପୋଲିସର ପ୍ରୟାସ

**ସମ୍ବଲପୁର,୨୧।୫ (ବ୍ୟୁରୋ)**

ଗ୍ରୀଷ୍ମ ପ୍ରବାହ ଯୋଗୁ ବୁର୍ଲା ରକ୍ତ ଭଣ୍ଡାରରେ ରକ୍ତର ଅଭାବ ଦେଖାଦେଇଛି। ଏହାକୁ ଦୂର କରିବା ପାଇଁ ପୋଲିସ ପକ୍ଷରୁ ପ୍ରୟାସ ଆରମ୍ଭହୋଇଛି। ସମ୍ବଲପୁରଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ଶନିବାର ଧନୁପାଲି ଥାନାରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ସଦର ଏସ୍‌ଡିପିଓ ପ୍ରଦୀପ ସାହୁ ଏହାକୁ ଉଦ୍‌ଘାଟନ କରିଥିବାବେଳେ ଆଇଆଇସି ଅନିତା ପ୍ରଧାନ ଉପସ୍ଥିତ ଥିଲେ। ଶିବିରରେ ମୋଟ ୮୬ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। ଶିବିରକୁ ବୁର୍ଲା ରକ୍ତ ଭଣ୍ଡାରର ଦେବାଶିଷ ମିଶ୍ର, ମଞ୍ଜୁ ପ୍ରଧାନ, ସଦର ଡାକ୍ତରଖାନାର ଡା. କଲ୍ପେସ କଲ୍ଲଡ, ସନ୍ତୋଷ ଗଉଡ, କର୍ମଦେବ ପଟେଲ ପ୍ରମୁଖ ପରିଚାଳନା କରିଥିଲେ। ହାବିଲଦାର ଓ କନଷ୍ଟେବଳ ଶାଖା ସଂଘ ସଭାପତି ରାମଦାସ ପଣ୍ଡାଙ୍କ ସଂଯୋଜନାରେ ଶିବିର ଆୟୋଜନ କରାଯାଇଥିଲା। ପ୍ରବଳ ଖରା ସତ୍ତ୍ୱେ ଲୋକମାନେ ରକ୍ତଦାନ କରିଥିବାରୁ ଆଇଆଇସି ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ରକ୍ତ ଅଭାବରେ କାହାରି ଜୀବନ ନ ଯାଉ ଏହା ହିଁ ସମ୍ବଲପୁର ପୋଲିସର ଉଦ୍ଦେଶ୍ୟ ବୋଲି କୁହାଯାଇଛି। ପୋଲିସର ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।



ଧନୁପାଲି ଥାନାରେ ରକ୍ତଦାନ ଶିବିର ।

## ନାବାଳକଙ୍କୁ ଅପ୍ରାକୃତ ବଳାତ୍କାର ମାମଲାରେ ଅଭିଯୁକ୍ତଙ୍କୁ ଜେଲଦଣ୍ଡ

**ଝାରସୁଗୁଡ଼ା ଅଫିସ,୨୧।୫**

ବ୍ରଜରାଜନଗରର ଜଣେ ନାବାଳକଙ୍କୁ ଅପ୍ରାକୃତ ବଳାତ୍କାର ମାମଲାର କୋର୍ଟ ବିଚାର କରି ଶନିବାର ଅଭିଯୁକ୍ତ ରାମନିବାସ ବର୍ମାଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହିତ ୧୦ହଜାର ଟଙ୍କା ଜରିମାନା ନିର୍ଦ୍ଦେଶ ରହିଛି। ଜରିମାନା ଅନାଦେୟ ଅଧିକ ୬ମାସ ଜେଲ୍ ପାଇଁ ରାୟରେ ଉଲ୍ଲେଖ ଅଛି। ଏହାସହିତ ୩ବର୍ଷ ଜେଲ୍ ଦଣ୍ଡାଦେଶ ସହିତ ୨ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦେୟ ୧ମାସ ଅଧିକ ଜେଲ୍ ଦଣ୍ଡାଦେଶ ରହିଛି। ଜିଲା ପୋକ୍‌ସୋ କୋର୍ଟ ବିଚାରପତି ମଦନଲାଲ୍ କେଡିଆ ଏହି ଦଣ୍ଡାଦେଶ ଶୁଣାଣି କରିଛନ୍ତି। ନାବାଳକଙ୍କ ତରଫରୁ ସରକାରୀ ସ୍ୱତନ୍ତ୍ର ପିପି ଆଇନଜୀବୀ ପୃଥ୍ୱିରାଜ ସିଂହଦେଓ କେସ୍ ଲଢୁଥିଲେ। ସୂଚନାଯୋଗ୍ୟ ୨୦୧୪ ଏପ୍ରିଲ ୩୦ରେ ନାବାଳକଙ୍କୁ ଅଭିଯୁକ୍ତ ଜଣଙ୍କ ଅପ୍ରାକୃତିକ ବଳାତ୍କାର କରିଥିଲେ। ଏ ନେଇ ପୀଡିତଙ୍କ ପରିବାର ଲୋକେ ବ୍ରଜରାଜନଗର ଥାନାରେ ଅଭିଯୋଗ କରିଥିଲେ। ପୋଲିସ୍ ଏକ ମାମଲା (ନଂ.୧୧୪/୧୪) ରୁଜୁକରିବା ସହ ଅଭିଯୁକ୍ତଙ୍କୁ ଗିରଫକରି କୋର୍ଟ ଚାଲାଣ କରିଥିଲା । ଏହି ମାମଲାରେ ଅଭିଯୁକ୍ତ ଜଣଙ୍କ ଜେଲ୍‌ରେ ରହି ସଜା କାଟୁଥିବାବେଳେ ଏବେ ସଶ୍ରମ କାରାଦଣ୍ଡରେ ଦଣ୍ଡିତ ହୋଇଛନ୍ତି।

## ପୋଖରୀ ପୁନରୁଦ୍ଧାର ଦାବି


ପରିତ୍ୟକ୍ତ ହୋଇପଡିଥିବା ପୋଖରୀ।

**ଜମନକିରା,୨୧।୫(ଡି.ଏନ.ଏ.)**

ଜମନକିରା ବ୍ଲକ କେନାଡିପା ପଞ୍ଚାୟତ ବିଜାଗୁଡା ଗ୍ରାମରେ ଥିବା ଏକମାତ୍ର ପୋଖରୀ ପରତ୍ୟକ୍ତ ହୋଇପଡିଛି। ଗାଁ ଲୋକେ ନିତ୍ୟ ବ୍ୟବହାର ପାଇଁ ଏହି ପୋଖରୀକୁ ଭରସା କରିଥାନ୍ତି। ହେଲେ ଦଳପୂର୍ଣ୍ଣ ପୋଖରୀରେ ପଙ୍କୋଦ୍ଧାର ହୋଇ ନ ଥିବାରୁ ଏହା ଲୋକଙ୍କ କାମରେ ଆସୁନାହିଁ। ଫଳରେ ଲୋକେ ପ୍ରାୟ ୨କି.ମି. ଦୂର ଏକ ନଈକୁ ସ୍ନାନଶୌଚାଦି କରିବାକୁ ଯାଉଛନ୍ତି। ଏହାକୁ ନେଇ ଗ୍ରାମବାସୀ ଅନେକଥର ପଞ୍ଚାୟତ କାର୍ଯ୍ୟାଳୟରେ ଗୁହାରି କରିଥିଲେ ମଧ ସୁଫଳ ମିଳିପାରି ନାହିଁ। ଏ ସଂକ୍ରାନ୍ତରେ ସରପଞ୍ଚ କଲ୍ୟାଣୀ ନାଏକଙ୍କୁ ପଚାରିବାରୁ ଖୁବ୍‌ଶୀଘ୍ର ପୋଖରୀରୁ ପଙ୍କ ଉଦ୍ଧାର କାର୍ଯ୍ୟ କରାଯିବା ପାଇଁ ଚେଷ୍ଟା କରିବି ବୋଲି କହିଥିଲେ।

## ଗଣମାଧ୍ୟମ ହସ୍ତକ୍ଷେପ ପରେ ଖୋଲିଲା ଅଙ୍ଗନୱାଡି କେନ୍ଦ୍ର

**ଜମନକିରା,୨୧।୫(ଡି.ଏନ.ଏ.)**

ବିଗତ ୨ମାସ ହେବ ବିବାଦୀୟ ପରିସ୍ଥିତି ଯୋଗୁ ଜମନକିରା ବ୍ଲକର ଏକ ଅଙ୍ଗନୱାଡି କେନ୍ଦ୍ର ବନ୍ଦ ହୋଇ ରହିଥିଲା। ଶେଷରେ ଗଣମାଧ୍ୟମ ପ୍ରତିନିଧିଙ୍କ ହସ୍ତକ୍ଷେପ ପରେ ଏହା ଖୋଲିଛି। ସୂଚନାଯୋଗ୍ୟ ଭୋଜପୁର ପଞ୍ଚାୟତର ମାତାମହୁଲ ଗ୍ରାମର ଅଙ୍ଗନୱାଡି କେନ୍ଦ୍ରଟି ଗ୍ରାମବାସୀ ଓ ଅଙ୍ଗନୱାଡି ଦିଦିଙ୍କ ମଧ୍ୟରେ କୌଣସି କାରଣରୁ ପାଟିତୁଣ୍ଡ ଯୋଗୁ ବନ୍ଦ ରହିଥିଲା। ଗଣମାଧ୍ୟମ ପ୍ରତିନିଧି ଏହା ଜାଣିବା ପରେ ସେଠାକୁ ଯାଇ ସମାଧାନର ବାଟ ବାହାର କରିଥିଲେ। ଖବରଦାତାମାନେ ଏ ନେଇ ସିଡିପିଓ ଜୟଶ୍ରୀ ପଟ୍ଟନାୟକଙ୍କ ସହ ଆଲୋଚନା କରିଥିଲେ। ସିଡିପିଓ ପଟ୍ଟନାୟକ ଶୁକ୍ରବାର କେନ୍ଦ୍ରକୁ ଯାଇ ଅଙ୍ଗନୱାଡି କର୍ମୀ, ୱାର୍ଡମେମ୍ବର, ଗ୍ରାମର ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଏକ ସଭା କରିଥିଲେ। ଆଲୋଚନା ଅନୁଯାୟୀ ଏକ ଚୁକ୍ତିନାମା ଲେଖାଯାଇଥିଲା। ଏହାପରେ ସମସ୍ତଙ୍କ ଉପସ୍ଥିତିରେ ଅଙ୍ଗନୱାଡି କେନ୍ଦ୍ର ଖୋଲାଯାଇଥିଲା।

## ଡିଗ୍ରୀ କଲେଜରେ ରକ୍ତଦାନ ଶିବିର

**କୁଚିଣ୍ଡା,୨୧।୫(ଡି.ଏନ.ଏ.)**

ବାମରା ବ୍ଲକ କେଶାଇବାହାଲ ବାସୁଦେବ ଗୋଦାବରୀ ଡିଗ୍ରୀ କଲେଜରେ ଶୁକ୍ରବାର ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ୟୁଥ୍ ରେଡକ୍ରସ ଓ ଏନ୍‌ଏସ୍‌ଏସ୍ ମିଳିତ ଆନୁକୂଲ୍ୟରେ ଆୟୋଜିତ ଶିବିରକୁ ମୁଖ୍ୟଅତିଥି ଭାବେ କଲେଜର ପ୍ରତିଷ୍ଠାତା ସଭାପତି ସଜ୍ଜନ ଖଣ୍ଡେଲୱାଲ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ଦୟା ସାଗର ପ୍ରଧାନଙ୍କ ତତ୍ତ୍ୱାବଧାନରେ ହୋଇଥିବା ଶିବିରରେ ସମ୍ମାନିତ ଅତିଥି ଭାବେ ମହୁଲପାଲି ଥାନା ସବ୍‌ଇନ୍ସପେକ୍ଟର ଦିଲୀପ ବେହେରା, ଅଞ୍ଜନ କୁମାର, ସରପଞ୍ଚ ବାଣେଶର ନାୟକ, ୟୁଥ୍ ରେଡକ୍ରସ ସଂଯୋଜକ ଅଧ୍ୟାପକ ହରେଶ ସାହୁ, ଏନ୍‌ଏସ୍‌ଏସ୍ ସଂଯୋଜକ ବିନୋଦ ବିହାରୀ ପୃଷେଠ, ଆଲୁମ୍ନୀ ସଭାପତି ପଦ୍ମଚରଣ ଗୁରୁ, ସମ୍ପାଦକ ବିଜୁ ସାହୁ, ଉପସଭାପତି ସୌମ୍ୟରଞ୍ଜନ ଧଳ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଅଧ୍ୟାପକ ଶ୍ୟାମ ସୁନ୍ଦର ସାହୁ, ଅଧ୍ୟାପିକା ମନୋରମା ପଟେଲ ଛାତ୍ରୀଛାତ୍ରଙ୍କୁ ରକ୍ତଦାନ ପାଇଁ ପରାମର୍ଶ ଦେଇଥିଲେ। ଶିବିରରେ ୩୦ଜଣ ରକ୍ତଦାନ କରିଥିଲେ। କୁଚିଣ୍ଡା ଡାକ୍ତରଖାନା ପକ୍ଷରୁ ଟେକ୍‌ନିସିଆନ ପ୍ରମୋଦ ପଟେଲ ରକ୍ତ ସଂଗ୍ରହ କରିଥିଲେ।



ଶିବିରରେ ଜଣେ ଛାତ୍ରୀ ରକ୍ତଦାନ କରୁଛନ୍ତି।

## ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସମୀକ୍ଷା

**ଝାରସୁଗୁଡ଼ା ଅଫିସ,୨୧।୫**

ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନି ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ବ୍ରଜରାଜନଗର ବିଧାନସଭା ଉପନିର୍ବାଚନ ପ୍ରସ୍ତୁତିର ସମୀକ୍ଷା କରିଛନ୍ତି। ମୁକ୍ତ, ଅବାଧ ଓ ଶାନ୍ତିପୂର୍ଣ୍ଣ ନିର୍ବାଚନ ପାଇଁ ସେ ଜିଲା ନିର୍ବାଚନ ଅଧିକାରୀ ତଥା ଜିଲାପାଳ ସରୋଜ କୁମାର ସାମଲ, ଆରକ୍ଷୀ ଅଧିକ୍ଷକ ରାହୁଲ ଜୈନ, ରିଟର୍ଣ୍ଣିଂ ଅଧିକାରୀ ତଥା ଉପଜିଲାପାଳ ଦୟାମୟ ପାଢ଼ୀଙ୍କ ସହ ଆଲୋଚନା କରିଛନ୍ତି।

ଉପନିର୍ବାଚନ ପରିଚାଳନା ପ୍ରସ୍ତୁତି ବିଷୟରେ ଜଲାପାଳ ରାଜ୍ୟ ନିର୍ବାଚନ ଅଧିକାରୀଙ୍କୁ ଅବଗତ କରାଇଥିଲେ। ମତଦାନ କେନ୍ଦ୍ରରେ ଶୃଙ୍ଖଳିତ ଭୋଟଦାନ ନେଇ ପାନୀୟ ଜଳ, ବିଦ୍ୟୁତ ବ୍ୟବସ୍ଥା, ଭିନ୍ନକ୍ଷମ ଓ ବୃଦ୍ଧ ଭୋଟରଙ୍କ ପାଇଁ ଆନୁଷଙ୍ଗିକ ସୁବିଧା, କୋଭିଡ୍ ନିୟମ ଅନୁପାଳନ ଦିଗରେ ପଦକ୍ଷେପ ନେବାକୁ ମୁଖ୍ୟ ନିର୍ବାଚନ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ। ପୋଷ୍ଟାଲ ବାଲଟ ଗ୍ରହଣ କରିବା ସଂକ୍ରାନ୍ତରେ ମଧ ସେ ପଚାରି ବୁଝିଥିଲେ। ସେହିପରି ଶତପ୍ରତିଶତ ମତଦାନ ପାଇଁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ ସମ୍ପର୍କରେ ଆଲୋଚନା କରିଥିଲେ। ଗତ ନିର୍ବାଚନରେ କମ୍ ମତଦାନ ହୋଇଥିବା ବୁଥ୍ ସମ୍ପର୍କରେ ଆଲୋଚନା କରି ସମ୍ପୃକ୍ତ ଅଞ୍ଚଳରେ ଭୋଟ ହାର ବୃଦ୍ଧି ପାଇଁ ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ଆଇନଶୃଙ୍ଖଳା ପରିସ୍ଥିତି ଉପରେ ସଜାଗ ଦୃଷ୍ଟି ଦେବା ସହ ଆବଶ୍ୟକ ପୋଲିସ ବାହିନୀ ମୁତୟନ ଓ ପଡ଼ୋଶୀ ରାଜ୍ୟ ଛତିଶଗଡ଼ର ପଦାଧିକାରୀଙ୍କ ସହ ଆଲୋଚନା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଆଲୋଚନା ସମୟରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ତପିରାମ ମାଝି, ଅତିରିକ୍ତ ଜିଲାପାଳ (ସାଧାରଣ) ପ୍ରବୀର କୁମାର ନାୟକ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଲଙ୍କେଶ୍ୱର ଅମାତ, ସହକାରୀ ରିଟର୍ଣ୍ଣିଂ ଅଧିକାରୀ ଓ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।



କନଫରେନ୍ସିଂ ବୈଠକରେ ଉପସ୍ଥିତ ଥିବା ଅଧିକାରୀମାନେ।

**ବ୍ରଜରାଜନଗର ଉପଉପନିର୍ବାଚନ ପ୍ରସ୍ତୁତି**

## ଅସହାୟଙ୍କ ମୃତଦେହ ସତ୍କାର କଲେ ଏସ୍‌ଡିପିଓ

**ସମ୍ବଲପୁର,୨୧।୫(ବ୍ୟୁରୋ)**

କିଛିମାସ ପୂର୍ବରୁ ସମ୍ବଲପୁର ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଓ ଏସ୍‌ପି ବାତୁଲା ଗଙ୍ଗାଧର ଜଣେ ଅସହାୟଙ୍କ ମୃତଦେହ ସତ୍କାର କରି ଚର୍ଚ୍ଚାରେ ରହିଥିଲେ। ଏବେ ସଦର ଏସ୍‌ଡ଼ିପିଓ ପ୍ରଦୀପ କୁମାର ସାହୁ ରାଜଘାଟରେ ଜଣେ ଅସହାୟଙ୍କ ମୃତଦେହ ସତ୍କାର କରି ପ୍ରଶଂସା ସାଉଟିଛନ୍ତି। ସୂଚନା ଅନୁସାରେ ସମ୍ବଲପୁର ଧମା ଥାନା ଅନ୍ତର୍ଗତ କୀର୍ତ୍ତିପୁର ଗ୍ରାମର ଶ୍ରୀନାଥ ପୋଢ (୭୨)ଙ୍କ ଶୁକ୍ରବାର ବିଳମ୍ବିତ ରାତିରେ ଚିକିତ୍ସାଧୀନ ଅବସ୍ଥାରେ ଭିମ୍‌ସାରରେ ମୃତ୍ୟୁ ଘଟିଥିଲା। ଗରିବ ଶ୍ରେଣୀର ହୋଇଥିବାରୁ ମୃତଦେହ ଗ୍ରାମକୁ ନେଇ ସତ୍କାର କରିବା ନେଇ ପରିବାର ଚିନ୍ତାରେ ପଡିଥିଲେ। ଝିଅ ଓ ଜ୍ୱାଇଁ ଏ ନେଇ ବୁର୍ଲା ଫାଣ୍ଡିକୁ ଜଣାଇଥିଲେ। ଘଟଣା ସମ୍ପର୍କରେ ସାମାଜିକ ଅନୁଷ୍ଠାନ ସମ୍ବଳ ଓ ସଦର ଏସ୍‌ଡିପିଓ ସାହୁଙ୍କୁ ଅବଗତ କରାଯାଇଥିଲା। ସମ୍ବଳ ଅନୁଷ୍ଠାନ ସଦସ୍ୟମାନେ ରାଜଘାଟରେ ସତ୍କାର ପାଇଁ ସମସ୍ତ ଆୟୋଜନ କରିଥିଲେ। ଏସ୍‌ଡ଼ିପିଓ ସାହୁ ରାଜଘାଟରେ ପହଞ୍ଚିଥିଲେ। ପରିବାର ଉପସ୍ଥିତିରେ ସମସ୍ତ ରୀତିନୀତି କରାଯାଇଥିଲା। ପରେ ଏସ୍‌ଡିପିଓ ସାହୁ ମୁଖାଗ୍ନି ଦେଇଥିଲେ। ସମ୍ବଳ ଅନୁଷ୍ଠାନ ସଦସ୍ୟ ରାମଦାସ ପଣ୍ଡା, ସୁବ୍ରତ ପଣ୍ଡା, ଦିଲୀପ ବୋଷ ପ୍ରମୁଖ ଉପସ୍ଥିତ ଥିଲେ।


ଅସହାୟଙ୍କ ମୃତଦେହ ସତ୍କାର କରଯାଉଛି ।

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୨୨ ମେ, ୨୦୨୨



## ସଂକ୍ଷେପରେ

### ନାବାଳିକାଙ୍କୁ ଅପହରଣ ଅଭିଯୋଗ

**ଲହୁଣୀପଡ଼ା, ୨୧।୫(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଜାଙ୍ଗଲା ଗ୍ରାମର ଜଣେ ନାବାଳିକାଙ୍କୁ ବିଭିନ୍ନ ପ୍ରକାର ପ୍ରଲୋଭନ ଦେଖାଇ ନିକଟସ୍ଥ ଗ୍ରାମ ଦେଓପୋଷର ଜଣେ ଯୁବକ ୧୯ତାରିଖ ବିଳମ୍ବିତ ରାତିରେ ଅପହରଣ କରିନେଇଯାଇଛନ୍ତି। ନାବାଳିକାଙ୍କ ପରିବାର ପକ୍ଷରୁ ଏନେଇ ଲହୁଣୀପଡା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଲହୁଣୀପଡା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିବା ସହିତ ୨୦ ତାରିଖ ନାବାଳିକାଙ୍କୁ ଉଦ୍ଧାର କରିବା ସହିତ ଘଟଣାର ତଦନ୍ତ ଚଳାଇଛି।

### ଚାଇଲ୍ଡଲାଇନ ଦ୍ୱାରା ଗର୍ଭବତୀ ନାବାଳିକା ଉଦ୍ଧାର

**ଦେବଗଡ଼,୨୧।୫(ଡି.ଏନ.ଏ.):** ଶନିବାର ପୂର୍ବାହ୍ନରେ ଦେବଗଡ଼ ଥାନା ଅନ୍ତର୍ଗତ ବଳମ ବସଷ୍ଟାଣ୍ଡରୁ ଜଣେ ଅସହାୟ ତଥା ଗର୍ଭବତୀ ନାବାଳିକାଙ୍କୁ ଚାଇଲ୍ଡଲାଇନ ଦ୍ୱାରା ଉଦ୍ଧାର କରାଯାଇଛି। ବଳମ ବସଷ୍ଟାଣ୍ଡରେ ଜଣେ ଗର୍ଭବତୀ ନାବାଳିକା ଅସହାୟ ଅବସ୍ଥାରେ ବସିଥିବା ଦେଖି କୌଣସି ସହୃଦୟ ବ୍ୟକ୍ତି ଦେବଗଡ଼ସ୍ଥିତ ଚାଇଲ୍ଡଲାଇନକୁ ଫୋନ ଯୋଗେ ସୂଚନା ଦେଇଥିଲେ। ସୂଚନା ପାଇ ଚାଇଲ୍ଡଲାଇନ ସଦସ୍ୟ ଉପେନ୍ଦ୍ର ଭଞ୍ଜ, ଅଷ୍ଟମୀ ପାତ୍ର, ସୁବୀଲ କୁମାର ପ୍ରଧାନ ଓ ତେମିୟ ରଞ୍ଜନ ପ୍ରଧାନ ବଳମ ବସଷ୍ଟାଣ୍ଡରେ ପହଞ୍ଚି ସମ୍ପୃକ୍ତ ନାବାଳିକା(୧୫)ଙ୍କୁ ଉଦ୍ଧାର କରିବା ସହ ଶିଶୁ ମଙ୍ଗଳ ସମିତି ସମ୍ମୁଖରେ ଉପସ୍ଥାପନ କରିଥିଲେ। ଏହା ପରେ ତାଙ୍କୁ ଅସ୍ଥାୟୀ ଶିଶୁ ଆଶ୍ରୟ ଗୃହରେ ଆଶ୍ରୟ ଦିଆଯାଇଛି। ଏନେଇ ଚାଇଲ୍ଡଲାଇନ ପକ୍ଷରୁ ଜିଲା ଶିଶୁ ସୁରକ୍ଷା ବିଭାଗ ଏବଂ ଦେବଗଡ଼ ଆଦର୍ଶ ଥାନାରେ ମଧ୍ୟ ଲିଖିତ ସୂଚନା ଦିଆଯାଇଥିବା ଚାଇଲ୍ଡଲାଇନ ସୂତ୍ରରୁ ସୂଚନା ମିଳିଛି। ପଚରାଉଚରା ସମୟରେ ଗର୍ଭବତୀ ନାବାଳିକା ଜଣକ ବାରକୋଟ ଥାନା ଅଞ୍ଚଳର ବୋଲି ଜଣାପଡିଛି।

### ଚୋରି କରିବା ମହଙ୍ଗା ପଡ଼ିଲା, ଛେଚା ଖାଇଲେ ଚୋର

**କୁତ୍ରା, ୨୧।୫(ଡି.ଏନ୍.ଏ.):** ସୁନ୍ଦରଗଡ଼ ଜିଲା କୁତ୍ରା ଥାନା ଅନ୍ତର୍ଗତ ୧୦ନମ୍ବର ରାଜ୍ୟ ରାଜପଥରୁ ମାତ୍ର ୨୦୦ ମିଟର ଦୂର ଜଗନ୍ନାଥ ମନ୍ଦିର ପାଖରେ ଅନୁପ ଅଗ୍ରୱାଲଙ୍କ ଦୋକାନ ଏବଂ ଘର ରହିଛି। ତେବେ ତାଙ୍କର ଏକ ପିକଅପ୍ ଗାଡ଼ି ପାଚେରି ଭିତରେ ରଖିଥିଲେ। ହେଲେ କୁତ୍ରା ଅଞ୍ଚଳର ଦୁଇ ଜଣ ଜଣାଶୁଣା ଚୋର ପାଚେରି ଡେଇଁ ଗାଡି ଚୋରି କରିବା ପାଇଁ ଉଦ୍ୟମ କରୁଥିଲେ। ତେବେ ଗାଡି ଚୋରି କରିବାରେ ବିଫଳ ହେବାରୁ ଗାଡ଼ିରେ ଥିବା ଏକ ଜ୍ୟାକ ଚୋରି କରି ନେଇଥିଲେ। ଆଗରୁ ଏକ ମୋଟର ମଧ୍ୟ ଚୋରି କରିନେଇଥିଲେ। ତେବେ ଏହି ଘଟଣାଟି ସିସି ଟିଭିରେ କଏଦ ହୋଇଥିଲା। ସକାଳେ ମାଲିକ ଅନୁପ ଦେଖିବା ପରେ ଚୋରଙ୍କୁ ଧରି ଉତ୍ତମ ମଧ୍ୟମ ଦେଇଥିଲେ। ଏହାକୁ ନେଇ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ଜଣାପଡିଛି।

# ୨ଲକ୍ଷ ଟଙ୍କାରେ ବିକ୍ରି ଯୁବତୀ ଉଦ୍ଧାର, ୩ ଗିରଫ

**ସୁନ୍ଦରଗଡ଼,୨୧।୫(ଡି.ଏନ.ଏ.)**

ଚାକିରି ପ୍ରଲୋଭନ ଦେଖାଇ ରାଜ୍ୟ ବାହାରକୁ ଯୁବତୀ ଚାଲାଣ କରୁଥିବା ର୍ୟାକେଟର ପର୍ଦ୍ଦାଫାଶ କରିଛି ସୁନ୍ଦରଗଡ଼ ଜିଲା ପୋଲିସ। ମଧ୍ୟପ୍ରଦେଶରେ ୨ଲକ୍ଷ ଟଙ୍କାରେ ବିକ୍ରି କରାଯାଇଥିବା ସୁନ୍ଦରଗଡ଼ ସଦର ଥାନା ଅଞ୍ଚଳର ଜଣେ ଆଦିବାସୀ ଯୁବତୀ (୧୯)ଙ୍କୁ ପୋଲିସ ଉଦ୍ଧାର କରିଛି। ଏହି ଘଟଣାରେ ସଦର ଥାନା ପୋଲିସ ସୋନପୁର ଜିଲା ବିନିକାର ଦଶରଥ ସୁନା(୪୫), ମୁନା ସୁନା(୪୦) ଓ ସୁନ୍ଦରଗଡ଼ ସହର କେନ୍ଦୁପଡ଼ାର ବେବି ସାଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ରାକେଟର ଅନ୍ୟ ୩ଜଣ ଫେରାର ଥିବା ପୋଲିସ କହିଛି। ଯୁବତୀଙ୍କ ପିତା ଏପ୍ରିଲ ୨୮ରେ ସଦର ଥାନାରେ ତାଙ୍କ ଝିଅ ନିଖୋଜ



ସୁନ୍ଦରଗଡ଼ ସଦର ଥାନା ପୋଲିସ ଦ୍ୱାରା ଗିରଫ ଅଭିଯୁକ୍ତ।

ଥିବା ନେଇ ରିପୋର୍ଟ କରିଥିଲେ। ପୋଲିସ ପ୍ରଥମେ ଏକ ନିଖୋଜ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହା ମଧ୍ୟରେ ପରିବାର ଲୋକେ ଝିଅଠାରୁ ସୂଚନା ପାଇଥିଲେ ଯେ, ତାଙ୍କୁ ୪/୫ ଜଣ ଅପହରଣ କରି ଚାକିରୀ ଦେବାକୁ କହି ଘରଠାରୁ ବହୁ ଦୂରକୁ ନେଇଯାଇଛନ୍ତି। ସେଠାରେ ତାଙ୍କୁ ଜଣେ ବ୍ୟକ୍ତିଙ୍କ ସହ ବିବାହ କରିଦିଆଯାଇଛି। ଯୁବତୀଙ୍କ ପରିବାର ଲୋକଙ୍କଠାରୁ ସୂଚନା ପାଇ ପୋଲିସ ଯୁବତୀଙ୍କ ମୋବାଇଲ ନମ୍ବରକୁ

**ରାଜ୍ୟ ବାହାରକୁ ଯୁବତୀ ଚାଲାଣ ର୍ୟାକେଟର ପର୍ଦ୍ଦାଫାଶ**

ଟ୍ରାକିଂ କରି ତଦନ୍ତ ଚଳାଇଥିଲା। ମଧ୍ୟପ୍ରଦେଶର ରତଲାମ ଜିଲା ଟାଲ ଥାନା କରୱାଗେଦି ଗ୍ରାମରୁ ଗତ ମେ ୮ରେ ଯୁବତୀଙ୍କୁ ଉଦ୍ଧାର କରି ସୁନ୍ଦରଗଡ ଆଣିଥିଲା। ଯୁବତୀଙ୍କ ବୟାନ ଆଧାରରେ ପୋଲିସ ଏହି ଯୁବତୀ ଚାଲାଣ ରାକେଟର ପର୍ଦ୍ଦାଫାଶ କରିଛି। ପୋଲିସ କହିବାନୁଯାୟୀ ଗିରଫ ୩ ଜଣ ଯୁବତୀଙ୍କୁ କାମ ଦେବା ବାହାନାରେ ପ୍ରଥମେ ଝାରସୁଗୁଡା ନେଇଯାଇଥିଲେ। ସେଠାରୁ ଝାରସୁଗୁଡାର ଜଣେ ମହିଳାଙ୍କ ସହ ମିଶି ଯୁବତୀଙ୍କୁ ମଧ୍ୟପ୍ରଦେଶ ନେଇଯାଇଥିଲେ। ସେଠାରେ ଜଣେ ବ୍ୟକ୍ତିଙ୍କଠାରେ ୨ଲକ୍ଷ ଟଙ୍କାରେ ବିକ୍ରିକରି ଚାଲିଆସିଥିଲେ। ସେହି ବ୍ୟକ୍ତି ଯୁବତୀଙ୍କୁ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ବିବାହ କରିଦେଇଥିଲେ। ଏସବୁ ଘଟଣା ପରେ ଯୁବତୀ ଜଣକ ଛାଡି ଦେବାକୁ କାକୁତି ମିନତୀ ହୋଇଥିଲେ। ସେମାନେ ୨ଲକ୍ଷ ଟଙ୍କା ନ ଫେରାଇଲେ ଛାଡିବୁ ନାହିଁ କହି ଯୁବତୀଙ୍କୁ ବନ୍ଧକ ରଖିଥିଲେ। ଏପରିକି ଯୁବତୀଙ୍କ ମୋବାଇଲ ଫୋନକୁ ସୁଇଚ୍ ଅଫ କରି ରଖିଦେଇଥିଲେ। ସୁନ୍ଦରଗଡ ଏସପି ସାଗରିକା ନାଥଙ୍କ ନିର୍ଦ୍ଦେଶ କ୍ରମେ ସଦର ଏସଡିପିଓ ମଧୁସ୍ମିତା ମିଶ୍ରଙ୍କ ତତ୍ତ୍ୱାବଧାନରେ ସଦରଥାନା ଆଇଆଇସି ରମେଶ ଚନ୍ଦ୍ର ମାହାନା ତଦନ୍ତ କରିଥିଲେ। ଏହି ରାକେଟ କେବଳ ସୁନ୍ଦରଗଡ ନୁହଁ, ସୋନପୁର ଓ ଅନ୍ୟ ଜିଲାରୁ ମଧ୍ୟ ଯୁବତୀ ଚାଲାଣ ଘଟଣାରେ ସମ୍ପୃକ୍ତ ଥାଇପାରନ୍ତି ବୋଲି ପୋଲିସ ସନ୍ଦେହ କରୁଛି।

## କୁରାଢ଼ିରେ ହାଣି ବୃଦ୍ଧଙ୍କୁ ହତ୍ୟା

**ଲହୁଣୀପଡା,୨୧।୫(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ଲହୁଣୀପଡା ବ୍ଲକ ଦର୍ଜାଂ ପଞ୍ଚାୟତ ଜମାରଢ଼ିହି ଗ୍ରାମରେ ବିଳମ୍ବିତ ରାତିରେ ଜଣେ ବୃଦ୍ଧଙ୍କୁ କୁରାଢ଼ୀରେ ହାଣି କୌଣସି ଦୁର୍ବୃତ୍ତ ହତ୍ୟା କରିଛନ୍ତି। ଜମାରଢ଼ିହି ଗ୍ରାମର କୁଅଁର ଓରାମ (୬୪)ଶୁକ୍ରବାର ରାତିରେ ଖାଇ ଘର ଅଗଣାରେ ଶୋଇଥିଲେ। ସକାଳ ପ୍ରାୟ ସାଢେ ୫ଟାରେ ପୁଅ ବନ୍ଧୁ ଓରାମ ଦେଖିବାକୁ ପାଇଲେ ଯେ, ତାଙ୍କ ବାପାଙ୍କ କାନମୁଣ୍ଡରେ କେହି କୁରାଢ଼ୀରେ ହାଣି ହତ୍ୟା କରିଛି। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତଳେ ମରି ପଡ଼ିଛନ୍ତି। ସେ ପରିବାରର ଅନ୍ୟ ସଦସ୍ୟମାନଙ୍କୁ କହିବା ସହିତ ଚାନ୍ଦିପୋଷ ପୋଲିସକୁ ସୂଚନା ଦେଇଥିଲେ। ଖବରପାଇ ଚାନ୍ଦିପୋଷ ଥାନା ପୋଲିସ ସାଇଣ୍ଟିଫିକ୍ ଦଳ ସନ୍ଧାନୀ କୁକୁର ସହିତ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲା। ହେଲେ ହତ୍ୟାକାରୀଙ୍କ କୌଣସି ସନ୍ଧାନ ପାଇ ନ ଥିଲା। ପୋଲିସ ମୃତଦେହ ଜବତ କରି ଲହୁଣୀପଡ଼ା ଡାକ୍ତରଖାନାରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ପୋଲିସ ଏକ ହତ୍ୟା ମାମଲା ରୁଜୁକରି ଘଟଣାର ତଦନ୍ତ ଚଳାଇଥିଲେ ମଧ୍ୟ ହତ୍ୟାକାଣ୍ଡର ପ୍ରକୃତ କାରଣ ଜଣାପଡି ନାହିଁ।

# ଜଙ୍ଗଲ ଅଧିକାର ଶିରୋନାମା ବଣ୍ଟନ ସମ୍ବନ୍ଧୀୟ ବୈଠକ


ଜଙ୍ଗଲ ଅଧିକାର ଶିରୋନାମ ବଣ୍ଟନ ସମ୍ବନ୍ଧୀୟ ବୈଠକରେ ଉପସ୍ଥିତ ଅଧିକାରୀ।

**ବଡ଼ଗାଁ, ୨୧।୫(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ କାର୍ଯ୍ୟାଳୟ ସଭାଗୃହରେ ଶନିବାର ଜଙ୍ଗଲ ଅଧିକାର ଶିରୋନାମ ବଣ୍ଟନ ସମ୍ବନ୍ଧୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପାରମ୍ପରିକ ବନବାସୀଙ୍କର ଜଙ୍ଗଲ ଅଧିକାର ସ୍ୱୀକୃତି ଆଇନ ୨୦୦୬, ସଂଶୋଧିତ ନିୟମ ୨୦୧୨ ଅନୁସାରେ ସୁନ୍ଦରଗଡ଼ ଜିଲାର ସମସ୍ତ ଦାବିଦାରଙ୍କ ବ୍ୟକ୍ତିଗତ ତଥା ଗୋଷ୍ଠୀଗତ ଜଙ୍ଗଲ ଓ ଜଙ୍ଗଲ ସମ୍ବଳ ଅଧିକାରପତ୍ରଗୁଡ଼ିକର ସଂଗ୍ରହ, ତନଖି ଓ ବିଚାରକରି ଶିରୋନାମପତ୍ର ବଣ୍ଟନ ସମ୍ପୂର୍ଣ୍ଣ କରିବା ପାଇଁ ଜିଲାପାଳଙ୍କ ସ୍ୱତନ୍ତ୍ର ପଦକ୍ଷେପ ସ୍ୱାଗତଯୋଗ୍ୟ। ଏଥିପାଇଁ ସମଗ୍ର ଜିଲାର ସମସ୍ତ ୨୭୯ ଗ୍ରାମପଞ୍ଚାୟତରେ ଆଗାମୀ

**୨୫ରେ ଜିଲାର ୨୭୯ ପଞ୍ଚାୟତରେ ଗ୍ରାମସଭା**

୨୫ରେ ସ୍ୱତନ୍ତ୍ର ଗ୍ରାମସଭାର ଆୟୋଜନ କରାଯିବ। ଚଳିତ ମାସ ୨୬ରୁ ଆସନ୍ତା ଜୁନ ୧୦ ମଧ୍ୟରେ ଜଙ୍ଗଲ ଅଧିକାର କମିଟି କର୍ମକର୍ତ୍ତାମାନେ ଦାବିଦାରଙ୍କଠାରୁ ବ୍ୟକ୍ତିଗତ, ଗୋଷ୍ଠୀଗତ ଅଧିକାରପତ୍ର ଗ୍ରହଣ କରିବେ ଓ ତହସିଲଦାରଙ୍କଠାରେ ଜିମା ଦେବେ। ଜୁନ ୧୩ ତାରିଖ ମଧ୍ୟରେ ଯାଞ୍ଚ କମିଟି ଯାଞ୍ଚ କାମ ସମ୍ପୂର୍ଣ୍ଣ କରି ଯୁଗ୍ମ ତଦନ୍ତ କମିଟି ଜରିଆରେ ଜୁନ ୩୦ ଚୂଡାନ୍ତ ଦାବିପତ୍ର ନିର୍ଦ୍ଧାରଣ କରିବେ। ଜୁଲାଇ ୧୫ରେ ପଲ୍ଲୀସଭାରେ ପାରିତ ଦାବିପତ୍ରଗୁଡ଼ିକୁ ଉପଖଣ୍ଡସ୍ତରୀୟ କମିଟିକୁ ପ୍ରେରଣ କରିବେ। ଏହା ପରେ ଡିସେମ୍ବର ୧୫ ତାରିଖ ଶିରୋନାମାପତ୍ର ବା ଅଧିକାରପତ୍ର ବଣ୍ଟନ କରାଯିବ ବୋଲି ବଡ଼ଗାଁ ବ୍ଲକ ସଭାଗୃହରେ ଆୟୋଜିତ ଏ ସମ୍ବନ୍ଧିତ ବୈଠକରେ ଅଧିକାରୀମାନେ ସୂଚନା ଦେଇଛନ୍ତି। ଶୁକ୍ରବାର ଓ ଶନିବାର ହୋଇଥିବା ଏହି ବୈଠକରେ ତହସିଲଦାର ସରୋଜ ପୃଷେଟ, ବିଡ଼ିଓ କ୍ଷମାନିଧି ଭୋଇ, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦିଲ୍ଲୀପ ମାଝୀ, ସେବକ ସଂସ୍ଥା ତରଫରୁ ତାଲିମଦାତା ଚକ୍ରଧର ପୃଷେଟଙ୍କ ସହିତ ଜଙ୍ଗଲ ଅଧିକାର କମିଟି ସଭ୍ୟା ସଭ୍ୟ, ବନବିଭାଗ କର୍ମଚାରୀ, ରାଜସ୍ୱ ବିଭାଗ କର୍ମଚାରୀ ଓ ସରପଞ୍ଚମାନେ ଯୋଗ ଦେଇଥିଲେ। ଜଙ୍ଗଲ ଅଧିକାର କର୍ମୀ ସୁନିଲ ଗୌଡ ଓ ଆଦିତ୍ୟ ବୈଠକ ପରିଚାଳନାରେ ସହଯୋଗ କରିଥିଲେ।

## ମୋବାଇଲରେ ଫ୍ରି ଫାୟାର ଖେଳି ୪୫ହଜାର ଟଙ୍କା ହରାଇଲେ ବାଳକ

**ବଡ଼ଗାଁ, ୨୧।୫(ଡି.ଏନ୍.ଏ.)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ କିଞ୍ଜିରକେଲା ଗ୍ରାମର ଜଣେ ବାଳକ ମୋବାଇଲରେ ଫ୍ରି ଫାୟାର ଖେଳିବା ତାଙ୍କ ପାଇଁ ମହଙ୍ଗା ପଡ଼ିଛି। ସୂଚନା ଅନୁଯାୟୀ କିଞ୍ଜିରକେଲା ଗ୍ରାମର ରିତିକରାଜ ବିଶି ଗତ ୩ ବର୍ଷ ହେଲା ମୋବାଇଲରେ ଫ୍ରି ଫାୟାର ଗେମ୍ ଖେଳି ଆସୁଥିଲେ। ମାସେ ପୂର୍ବରୁ ଅଜୟ କୁମାର ସିନ୍ହା ନାମକ ଜଣେ ବ୍ୟକ୍ତି ତାଙ୍କୁ ଫୋନରେ ଗେମ ଆଇଡି କିଣିବାକୁ କହିଥିଲେ। ସେ କିଣିବାକୁ ମନା କରିବାରୁ ସମ୍ପୃକ୍ତ ବ୍ୟକ୍ତି ବମ ପକାଇଦେବୁ କହି ଧମକ ଦେଇଥିଲେ। ରିତିକରାଜ ଡରିଯାଇ ଗତ ୧ରୁ କେଉଁ ଦିନ ୨୫୦ ତ କେଉଁଦିନ ୩୦୦ ଟଙ୍କା ଫୋନ ପେ'ରେ ପଠାଇଥିଲେ। ବର୍ତ୍ତମାନ ସୁଦ୍ଧା ୪୫ ହଜାର ଟଙ୍କା ସମ୍ପୃକ୍ତ ବ୍ୟକ୍ତି ନେଇଯାଇଛନ୍ତି। ରିତିକରାଜ ତାଙ୍କ ବାପାଙ୍କ ଆକାଉଣ୍ଟରୁ ଫୋନ ପେ'ରେ ଟଙ୍କା ପଠାଉଥିଲେ। ପାସ୍‌ବୁକ୍ ଚେକ୍ କଲାବେଳେ ତାଙ୍କ ବାପା ଏହା ଜାଣିପାରିଥିଲେ। ଏ ନେଇ ସେ ଥାନାରେ ମୌଖିକ ଜଣାଇଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ମୋବାଇଲରେ ପପ ଜି ଖେଳି କେତେକ ଯୁବକ ଆତ୍ମହତ୍ୟା କରିଥିବାର ଦୃଷ୍ଟାନ୍ତ ରହିଛି। ବର୍ତ୍ତମାନ ଫ୍ରି ଫାୟାର ଖେଳୁଥିବା ଛୋଟ ବୟସର ପିଲାମାନେ ଠକେଇର ଶିକାର ହେଉଥିବା ଦେଖାଗଲାଣି। ପିଲାମାନେ ଅନ୍‌ଲାଇନରେ ପାଠ ପଢୁଛନ୍ତି ନା ଏଭଳି ଖେଳୁଛନ୍ତି ଅଭିଭାବକମାନେ ଦୃଷ୍ଟି ଦେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି। ଏ ସମ୍ପର୍କରେ ଠକାମୀରେ ପଡିଥିବା ବାଳକ ଓ ତାଙ୍କ ମା'ଙ୍କୁ ପଚାରିବାରୁ ସେମାନେ ଘଟଣା ସମ୍ପର୍କରେ କହିଥିଲେ।

## ଜିଲା ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକକୁ ଡକା ନ ଯିବାରୁ ବିଧାୟକଙ୍କ କ୍ଷୋଭ

**ଦେବଗଡ଼,୨୧।୫(ଡି.ଏନ୍.ଏ.)**

ଦେବଗଡ଼ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ ଗୃହରେ ଶୁକ୍ରବାର ଦେବଗଡ ଜିଲାପାଳଙ୍କ ଅଧ୍ୟକ୍ଷତାରେ ପୃଥକ ଭାବେ ଜିଲା ପ୍ରାକୃତିକ ବିପର୍ଯ୍ୟୟ କମିଟି ବୈଠକ ଏବଂ ଜିଲା ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ମାତ୍ର ଦେବଗଡରେ ଥାଇ ମଧ୍ୟ ବିଧାୟକ ସୁବାସ ଚନ୍ଦ୍ର ପାଣିଗ୍ରାହୀ ଉକ୍ତ ବୈଠକ ଦ୍ୱୟରେ ଅନୁପସ୍ଥିତ ଥିବା ନେଇ ସରକାରୀ ଅଧିକାରୀ ଏବଂ ଜନସାଧାରଣଙ୍କ ମଧ୍ୟରେ ନାନା ପ୍ରଶ୍ନବାଚୀ ଉଙ୍କି ମାରିଥିଲା । ତେବେ ବିଧାୟକ ପାଣିଗ୍ରାହୀଙ୍କୁ ଉଭୟ ବୈଠକକୁ ନିମନ୍ତ୍ରଣ କରାଯାଇ ନ ଥିବାରୁ ସେ ଉଭୟ ବୈଠକରେ ଅନୁପସ୍ଥିତ ଥିବା ଏକ ପ୍ରକାର ସ୍ପଷ୍ଟ ହୋଇଛି । ବିଧାୟକ ପାଣିଗ୍ରାହୀ ଶନିବାର ଦେବଗଡ଼ ଜିଲାପାଳଙ୍କୁ ଏକ ପତ୍ର ଲେଖି ନିଜର କ୍ଷୋଭ ପ୍ରକାଶ କରିବା ସହ ଉଭୟ ବୈଠକ ଅନୁଷ୍ଠିତ ହେବା ନେଇ ଖବରକାଗଜରୁ ଜାଣିବାକୁ ପାଇଥିବା ଉଲ୍ଲେଖ କରିଛନ୍ତି। ସେହିପରି ଉଭୟ ବୈଠକ ଆୟୋଜନକୁ ସ୍ୱାଗତ ଜଣାଇଥିଲେ ହେଁ ସେ ଉକ୍ତ କମିଟିର କନଷ୍ଟିଚୁଏଣ୍ଟ ସଦସ୍ୟ ଥାଇ ମଧ୍ୟ ଉଭୟ ବୈଠକ ସମ୍ପର୍କରେ ଜାଣିପାରି ନ ଥିବାରୁ ଦୁଃଖ ପ୍ରକାଶ କରିବା ସହ ଉକ୍ତ ବୈଠକରେ ତାଙ୍କର ଉପସ୍ଥିତିକୁ କାହିଁକି ନିଶ୍ଚିତ କରାଗଲା ନାହିଁ ସେ ନେଇ ମଧ୍ୟ ଉକ୍ତ ପତ୍ର ଜରିଆରେ ପ୍ରଶ୍ନ କରିଥିବା ଜଣାପଡିଛି। ଅନ୍ୟପକ୍ଷରେ ତାଙ୍କୁ ଉଭୟ ବୈଠକର ବିବରଣୀ ମଧ୍ୟ ପ୍ରଦାନ କରିବାକୁ ଉକ୍ତ ପତ୍ର ଯୋଗେ ଜିଲାପାଳଙ୍କୁ ଅନୁରୋଧ କରିଥିବା ଜଣାପଡିଛି ।

## ଗଞ୍ଜେଇ ଚାଲାଣ ବେଳେ ଯୁବକ ଗିରଫ:କାର, ମୋବାଇଲ ଜବତ

**ଦେବଗଡ଼,୨୧।୫(ଡି.ଏନ୍.ଏ.)**

ଦେବଗଡ଼ ଥାନା ଅନ୍ତର୍ଗତ ଟାଇଁସର ଗ୍ରାମ ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ଯାନବାହାନ ଯାଞ୍ଚବେଳେ ପୋଲିସ ୨୦ କେଜି ଗଞ୍ଜେଇ ଜବତ କରିଛି। ଏହା ସହ ଜଣେ ଯୁବକଙ୍କୁ ପୋଲିସ ଗିରଫ କରିଥିବାବେଳେ ଅନ୍ୟ ଦୁଇଜଣ ଫେରାର ହୋଇଯାଇଛନ୍ତି। ଶନିବାର ପୂର୍ବାହ୍ନରେ ଟାଇଁସର ଗ୍ରାମ ନିକଟରେ ପୋଲିସ ଏମ୍‌ଭିଆଇ ଯାଞ୍ଚ କରୁଥିବା ବେଳେ ଏକ କାରରେ ବଳମ ଅଞ୍ଚଳର ମୁନା ଆନସାରୀ ଓ ଅନ୍ୟ ୨ଜଣ ବେଆଇନ ଗଞ୍ଜେଇ ଚାଲାଣ କରୁଥିବା ପୋଲିସ ଯାଞ୍ଚବେଳେ ଜାଣିବାକୁ



ଜବତ କାର ଓ ମୋବାଇଲ।

ପାଇଥିଲା। ମୁନାଙ୍କୁ ପୋଲିସ ଗିରଫ କରି ତାଙ୍କଠାରୁ ୨୦ କେଜି ଗଞ୍ଜେଇ, କାର ଓ ମୋବାଇଲ ଫୋନ ଜବତ କରିଛି।

## ଗଡ଼ିଲା ପୁଷ୍ଟି ଶସ୍ୟ ସଚେତନତା ରଥ

**ସୁନ୍ଦରଗଡ଼,୨୧।୫(ଡି.ଏନ.ଏ.)**

ଟାଙ୍ଗରପାଲି ବ୍ଲକରେ ପୁଷ୍ଟି ଶସ୍ୟ ସଚେତନତା ରଥ ପରିକ୍ରମା ଆରମ୍ଭ ହୋଇଛି। ଶନିବାର ଟାଙ୍ଗରପାଲି ବ୍ଲକ କାର୍ଯ୍ୟାଳୟ ପରିସରରେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ସବୁଜ ପତାକା ଦେଖାଇ ଏହି ରଥର ଶୁଭାରମ୍ଭ କରିଛନ୍ତି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଐଶ୍ୱର୍ଯ୍ୟା ଭୂୟାଁ, ସମନ୍ୱିତ ଶିଶୁ ବିକାଶ ଅଧିକାରୀ ଅଞ୍ଜନା ଭୋଇ, ମିଶନ ଶକ୍ତିର ବ୍ଲକ ଅଧିକାରୀ ଲଳିତା ସୁକାନ୍ତି ଲାକ୍ରା, ସେବକର କର୍ମକର୍ତ୍ତା ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ୨୦୨୨-୨୩ ଆର୍ଥିକ ବର୍ଷରେ ଟାଙ୍ଗରପାଲି ବ୍ଲକର ୧୩ଟି ଗ୍ରାମପଞ୍ଚାୟତର ୧୩୫୦ ଜଣ ଚାଷୀଙ୍କୁ ନେଇ ୫୦୦ ହେକ୍ଟର ଜମିରେ ମାଣ୍ଡିଆ, ଗଙ୍ଗେଇ, କଦୋ, ସୁଆଁ, ବାଜରା ଚାଷ କରିବା ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଟାଙ୍ଗରପାଲି ବ୍ଲକର ସମସ୍ତ ଗ୍ରାମକୁ ଏହି ରଥ ପରିକ୍ରମା କରି ପୁଷ୍ଟି ଶସ୍ୟ ଚାଷ ବିଷୟରେ ଚାଷୀଙ୍କୁ ସଚେତନ କରିବ।

# ଟେନ୍‌ସା ବସ୍ତି ସ୍କୁଲ: ସବୁ ଥାଇ କିଛି ନାହିଁ

**ଟେନ୍‌ସା, ୨୧।୫(ଡ଼ି.ଏନ.ଏ.)**

ସମଗ୍ର ଶିକ୍ଷା ଅଭିଯାନ ମାଧ୍ୟମରେ ସ୍କୁଲର ଉନ୍ନତି ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି ରାଜ୍ୟ ସରକାର। ହେଲେ ସୁନ୍ଦରଗଡ଼ ଜିଲା ଟେନ୍‌ସା ବସ୍ତି ସ୍କୁଲରେ ସମଗ୍ର ଶିକ୍ଷା ଅଭିଯାନ ସମେତ ବିଭିନ୍ନ ଖଣି କର୍ତ୍ତୃପକ୍ଷ ଉନ୍ନୟନ କାର୍ଯ୍ୟ କରୁଛନ୍ତି। ହେଲେ ଟେନ୍‌ସା ବସ୍ତି ସ୍କୁଲର ଅବହେଳା ଯୋଗୁ ଅବ୍ୟବସ୍ଥା ମଧ୍ୟରେ ପଡିରହିଛି। ଘର ଝରକା କବାଟ ଭାଙ୍ଗିରୁଚି ଯାଇଥିବାବେଳେ ଘରଗୁଡିକ ଜରାଜିର୍ଣ୍ଣ ଅବସ୍ଥାରେ ପଡ଼ିରହିଛି। ଦୀର୍ଘ ବର୍ଷ ଧରି ଏହି ସ୍କୁଲର ଶିକ୍ଷୟିତ୍ରୀ ଶିକ୍ଷକମାନଙ୍କ ବଦଳି ହୋଇନାହିଁ। ଠିକ୍ ସମୟରେ ଶିକ୍ଷକମାନେ ସ୍କୁଲକୁ ଆସୁ ନାହାନ୍ତି ବୋଲି ଅଭିଯୋଗ ହେଉଛି। ପ୍ରଧାନ ଶିକ୍ଷୟିତ୍ରୀ ଛୁଟିରେ ଅଛନ୍ତି। ଅନ୍ୟପକ୍ଷେ ସ୍କୁଲର ଶିକ୍ଷକମାନଙ୍କ ମଧ୍ୟରେ ସୁସମ୍ପର୍କ ଅଭାବରୁ ଠିକ୍ ଭାବେ ପରିଚାଳନା ହୋଇପାରୁ ନ ଥିବା ଅଭିଯୋଗ ହେଉଛି। ମଧ୍ୟାହ୍ନ ଭୋଜନ ମଧ୍ୟ ଠିକ୍ ଭାବେ ପରିଚାଳିତ ହୋଇପାରୁ ନାହିଁ ବୋଲି ରୋଷେୟାମାନେ ଅଭିଯୋଗ କରିଛନ୍ତି। ସ୍କୁଲରେ ୨୮୨ ଛାତ୍ରୀଛାତ୍ର ଥିବାବେଳେ ୪ଜଣ ରୋଷେୟା ରହିବା



କଥା। ହେଲେ ୩ଜଣ ଅଛନ୍ତି। କାହାର କୌଣସି ଅସୁବିଧା ହେଲେ ୨ଜଣ ରୋଷେୟା ଏତେ ଛାତ୍ରୀଛାତ୍ରଙ୍କ ପାଇଁ ରୋଷେଇ କରିବା ଅସମ୍ଭବ ହୋଇ ପଡୁଛି। ସେହିପରି ସ୍କୁଲର ଝାଡୁଦାର ପାଇଁ ଜିନ୍ଦଲ କମ୍ପାନୀ ମାସକୁ ୪ହଜାର ୫୦୦ ଶହ ଟଙ୍କା ଦେଉଥିଲେ ମଧ୍ୟ ୩ ମାସ ହେଲା ଦରମା ପାଇନାହିଁ ବୋଲି ଝାଡୁଦାର ଜଣକ ଅଭିଯୋଗ କରିଛନ୍ତି। ସେହିପରି ସ୍କୁଲରେ ପାଠପଢା ମଧ୍ୟ ଠିକ୍ ଭାବେ ହେଉ ନ ଥିବା ଅଭିଯୋଗ ହେଉଛି। ଶିକ୍ଷୟିତ୍ରୀଙ୍କ ଉପସ୍ଥିତିରେ ଅଷ୍ଟମ ଶ୍ରେଣୀ ପିଲାଙ୍କୁ ଅଷ୍ଟମ ବନାନ ପଚରା ଯାଇଥିଲା। ହେଲେ ଶ୍ରେଣୀରେ ଥିବା ଛାତ୍ରୀଛାତ୍ର ଅଷ୍ଟମ ବନାନ କରିପାରିଲେ ନାହିଁ। ଅନ୍ୟ ସବୁ ଶ୍ରେଣୀ କଥା ନ କହିବା ଭଲ। ଏଣୁ ଅନୁମାନ କରାଯାଇପାରୁଛି ଟେନସା ବସ୍ତି ସ୍କୁଲରେ କିପରି ପାଠପଢା ଚାଲିଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

# କାଳବୈଶାଖୀ: ଗଛ ଉପୁଡ଼ି ଘର ଭାଙ୍ଗିଲା, ୨ ଗୁରୁତର

**କୁଆଁରମୁଣ୍ଡା,୨୧।୫(ଡି.ଏନ୍.ଏ.)**

ଶନିବାର ଅପରାହ୍ନରେ କାଳବୈଶାଖୀ ଯୋଗୁ ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ଅଞ୍ଚଳରେ ଝଡ଼ତୋଫାନ ଓ ଘଡ଼ଘଡି ସହ ପ୍ରବଳ ବର୍ଷା ହୋଇଛି। ଏହି ସମୟରେ ପୁଟ୍ରିଖମଣ ପଞ୍ଚାୟତରେ ବିରାଟକାୟ ବୃକ୍ଷ ଉପୁଡ଼ି ରାସ୍ତାରେ ପଡ଼ିଛି। ଫଳରେ ଯାତାୟାତ ଗୁରୁତର ଭାବେ ପ୍ରଭାବିତ ହୋଇଛି। ଏହା ସହ ପୁଟ୍ରିଖମଣ ରଣାବସ୍ତିର ୨ଜଣଙ୍କ ଖପର ଘର ଉପରେ ଗଛ ପଡ଼ିବାରୁ ୨ ଜଣ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତଙ୍କ ମଧ୍ୟରୁ ଜଣେ ବୃଦ୍ଧା ଚନ୍ଦନା ରଣା ଓ ଅନ୍ୟ ଜଣେ ବ୍ୟକ୍ତି ଶ୍ରୀକୋରୋ ରଣା ବୋଲି ସୂଚନା ମିଳିଛି। ପୁଟ୍ରିଖମଣ ସରପଞ୍ଚ ନରେଶ ସୁରିନ୍ ଓ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ଗୁରୁତର ଆହତଦ୍ୱୟଙ୍କୁ ୧୦୮ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ନିମନ୍ତେ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛନ୍ତି। ଏହି କାଳବୈଶାଖୀ ପ୍ରଭାବରେ ପୁଟ୍ରିଖମଣ, କାଲୋସିହିରିଆ, କୁଆଁରମୁଣ୍ଡା ଇତ୍ୟାଦି ପଞ୍ଚାୟତର ବିଭିନ୍ନ ଗ୍ରାମରେ ଗଛ ପଡ଼ିବା ସହ ଝଡ଼ତୋଫାନରେ ଲୋକଙ୍କ ଆଜବେଷ୍ଟସ, ଖପର ଇତ୍ୟାଦି ଭାଙ୍ଗିଯାଇଛି। ଏହା ସହ ବିଭିନ୍ନ ରାସ୍ତାରେ ଗଛପଡ଼ି ଯାତାୟାତ ସମସ୍ୟା ସୃଷ୍ଟି ହୋଇଛି।


କାଳବୈଶାଖୀ ଯୋଗୁ ଗଛ ପଡ଼ି ଘର ଭାଙ୍ଗିଛି, ରାସ୍ତା ଅବରୋଧ ହୋଇଛି।

## କାଲୋସିହିରିଆ: ବଜ୍ରପାତରେ ଯୁବକ ମୃତ

କୁଆଁରମୁଣ୍ଡା ବ୍ଲକ ଅଞ୍ଚଳରେ ଶନିବାର ଝଡ଼ତୋଫାନ ଓ ଘଡ଼ଘଡି ସହ ପ୍ରବଳ ବର୍ଷା ହୋଇଥିବାବେଳେ କାଲୋସିହିରିଆ ପଞ୍ଚାୟତର ପାଡାବସ୍ତିର ଜଣେ ଦିନ ମଜୁରିଆଙ୍କ ବଜ୍ରପାତରେ ମୃତ୍ୟୁ ହୋଇଯାଇଛି। ମୃତକ ଜଣଙ୍କ ହେଉଛନ୍ତି ଚାନ୍ଦା କିଷାନଙ୍କ ପୁଅ ବୁଧୁ (୨୪)। ବୁଧୁ ବିବାହିତ ହୋଇଥିବାବେଳେ ତାଙ୍କର ସ୍ତ୍ରୀ ଓ ଜଣେ ୨ବର୍ଷର ଶିଶୁପୁତ୍ର ଅଛନ୍ତି। ବୁଧୁଙ୍କ ମୃତଦେହ କୁଆଁରମୁଣ୍ଡା ଡାକ୍ତରଖାନାର ଶବାଗାରରେ ରଖାଯାଇଛି। ରବିବାର ବ୍ୟବଚ୍ଛେଦ କରାଯିବ ବୋଲି କୁଆଁରମୁଣ୍ଡା ଫାଣ୍ଡି ପୋଲିସ ସୂଚନା ଦେଇଛି। ବୁଧୁ ଶନିବାର ଅପରାହ୍ନରେ କାଲୋସିହିରିଆ ସାପ୍ତାହିକ ବଜାରକୁ ଆସିଥିଲେ। ସେ ଘରକୁ ଫେରୁଥିଲାବେଳେ ଘରଠାରୁ ପ୍ରାୟ ୫ଶହ ମିଟର ଦୂରରେ ବଜ୍ରପାତରେ ତାଙ୍କର ମୃତ୍ୟୁ ହୋଇଥିଲା। ରାସ୍ତା ଉପରେ ବୁଧୁ ପଡ଼ିଥିବା ତାଙ୍କ ଭିଣୋଇ ସେହି ଗ୍ରାମର ଅଜିତ୍ ଓରାମ ଦେଖି ପରିବାରବର୍ଗଙ୍କୁ ଖବର ଦେବାରୁ ସଙ୍ଗେସଙ୍ଗେ ତାଙ୍କୁ କୁଆଁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଣାଯାଇଥିଲାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

**ଆମ୍ ଅଦ୍‌ମୀ ପାର୍ଟିର ଦସ୍ତଖତ ଅଭିଯାନ**

ବୋଡେନ,(ଡି.ଏନ.ଏ.): ବୋଡେନ ବ୍ଲକର ବିଭିନ୍ନ ଗାଁରେ ଆମ ଆଦମୀ ପାର୍ଟି ପକ୍ଷରୁ ୨୦୦ ୟୁନିଟ ବିଦ୍ୟୁତ୍ ଛାଡ ସମ୍ପର୍କରେ ବୋଡେନ ବ୍ଲକର ଆମ ଆଦମୀ ଯୁବ ସଭାପତି ହିତେଶ ପାଣ୍ଡେଙ୍କ ନେତୃତ୍ୱରେ ଦସ୍ତଖତ ଅଭିଯାନ ଆରମ୍ଭ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଚିନ୍ତାମଣି କୈବର୍ତ୍ତ, ଜୟଦେବ ଦୁରିଆ, ହାଡୁ ମାଝି, ପ୍ରେମ ପାଣ୍ଡେ, ଟୁନା ପାଣ୍ଡେ, ଦୁର୍ବଳ ମାଝି, ପଞ୍ଚୁ ମାଝି, ନରେଶ ମାଝି ପ୍ରମୁଖ ଅଭିଯାନରେ ସହଯୋଗ କରିଥିଲେ।

# ନିର୍ବାଚନ ଅନିଶ୍ଚିତତା, ତାତିଲେ ଚାଷୀ

**ଜରାସିଂହ କୃଷି ସେବା ସମବାୟ ସମିତି**

- ଏ ଯାଏ ଆରମ୍ଭ ହୋଇନି ପ୍ରକ୍ରିୟା
- କଂଗ୍ରେସ କର୍ମୀ, ଚାଷୀଙ୍କ ଧାରଣା

ଦେଓଗାଁ, ୨୧।୫(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଜରାସିଂହା କୃଷି ସେବା ସମବାୟ ସମିତିରେ ଚଳିତ ବର୍ଷ ସମବାୟ ନିର୍ବାଚନକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ପ୍ରାୟ ସେବା ସମବାୟ ସମିତିରେ ସଭ୍ୟ ତାଲିକା କାର୍ଯ୍ୟାଳୟ ସମ୍ମୁଖରେ ଛପା ହୋଇସାରିଲାଣି। ହେଲେ ଜରାସିଂହାରେ ଅଦ୍ୟାବଧି ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଏହାର ପ୍ରତିବାଦ କରିଛି ଦେଓଗାଁ ବ୍ଲକ କଂଗ୍ରେସ। ଶନିବାର ଦଳ ତରଫରୁ ସମବାୟ ସମିତି ସମ୍ମୁଖରେ ଧାରଣ ଦିଆଯାଇଥିଲା। ଉଦ୍ୟୁକ୍ତ କର୍ମୀ ଓ କେତେକ ଚାଷୀ ଜରାସିଂହା ପାକ୍ସ କାର୍ଯ୍ୟାଳୟରେ ତାଲା ପକାଇ ଧାରଣା ଦେଇଥିଲେ।

ଯୁବନେତା ବିଶ୍ୱଜିତ ପାତ୍ର, ଜରାସିଂହା ସମିତି ସଭ୍ୟ ଅମିତ ତ୍ରିପାଠୀଙ୍କ ନେତୃତ୍ୱରେ ବହୁ ଚାଷୀ ପାକ୍ସକୁ ଯାଇ ସମ୍ପାଦକ ରାମକୃଷ୍ଣ ସାହୁଙ୍କୁ ସମବାୟ ନିର୍ବାଚନ କିପରି ହୋଇପାରିବ ସେ ନେଇ ଦାବି କରିଥିଲେ। ନିର୍ବାଚନ ନହେବା ଯାଏ ପାକ୍ସରେ ତାଲା ପକାଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଜାରି ରହିବ ବୋଲି ସେମାନେ ଚେତାବନୀ ଦେଇଥିଲେ। ଚାଷୀ ଦୀନବନ୍ଧୁ ମନହୀରା, କରୁଣାକର ମେହେର, ଅଂଶୁମାନ କର୍ଣ୍ଣ, ସୁଶାନ୍ତ ମିଶ୍ର, ସୁବୋଧ ପରଧିଆ, ଗଗନ ମେହେର, ବୃନ୍ଦାବନ ଭୋଇ, ଦୁର୍ଯ୍ୟୋଧନ ମେହେର ପ୍ରମୁଖ ଯୋଗଦେଇ ଏ ଅଞ୍ଚଳର ଚାଷୀ କାହିଁକି ଭୋଟ୍ ଦେଇ ନୂଆ ସମବାୟ ସମିତି ଗଢି ପାରିବେ ନାହିଁ ବୋଲି ଅଭିଯୋଗ କରିଥିଲେ। ସମବାୟ ବିଭାଗ ନିର୍ବାଚନ ଘୋଷଣା କରିବା ପୂର୍ବରୁ ଉକ୍ତ ପାକ୍ସରେ କି ସମସ୍ୟା ରହିଛି ଯେ ନିର୍ବାଚନ ହୋଇ ପାରିବ ନାହିଁ ଜାଣି ନ ଥିଲେ କି ବୋଲି ଜିଲା କଂଗ୍ରେସ କମିଟି ସମ୍ପାଦକ ବିଶ୍ୱଜିତ ପାତ୍ର, ଆଦିବାସୀ ନେତା ମୟ ପ୍ରଧାନୀ ପ୍ରମୁଖ ଅଭିଯୋଗ ଆଣିଛନ୍ତି। ଉକ୍ତ ପାକ୍ସରେ ହୋଇଥିବା ଦୁର୍ନୀତିକୁ ଚପାଇ ଦେବାପାଇଁ ଏହା ଏକ ଚକ୍ରାନ୍ତ ବୋଲି ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ଦିଗରେ ଜିଲାପାଳ ସ୍ୱତନ୍ତ୍ରଭାବେ ଦୃଷ୍ଟି ଦେଇ ନିରପେକ୍ଷ ତଦନ୍ତ କରି ନିର୍ବାଚନକୁ ଅନିଶ୍ଚିତତାକୁ ନେଇ ଯାଇଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଚାଷୀ ମହଲରେ ଦାବି ହେଉଛି। ଏ ସମ୍ପର୍କରେ ସମବାୟ ଉପନିବନ୍ଧକ ପ୍ରଭାକର ନାୟକଙ୍କୁ ପଚାରିବାରୁ ସମ୍ପୃକ୍ତ ପାକ୍ସରେ ଆର୍ଥିକ ଅନିୟମିତତା ଅଭିଯୋଗ ପରେ ସମବାୟ ବାଙ୍କ ଓ ଉପନିବନ୍ଧକଙ୍କ କାର୍ଯ୍ୟାଳୟ ପକ୍ଷରୁ ମିଳିତ ଚଢାଉ କରାଯାଇ ସମସ୍ତ କାଗଜପତ୍ର ଜବତ କରାଯାଇଛି। ତଦନ୍ତ ସମ୍ପୂର୍ଣ୍ଣ ହୋଇ ନଥିବାରୁ ପାକ୍ସକୁ କାଗଜପତ୍ର ଦିଆଯାଇ ନାହିଁ। ସେଥିପାଇଁ ନିର୍ବାଚନ ପ୍ରକ୍ରିୟା ଆରମ୍ଭରେ ବିଳମ୍ବ ହୋଇଛି। ତେବେ ଯଥାଶୀଘ୍ର କିପରି ନିର୍ବାଚନ କରାଯାଇ ପାରିବ ସେ ଦଗରେ ପଦକ୍ଷେପ ନିଆଯାଉଛି ବୋଲି ସେ କହିଛନ୍ତି।



କଂଗ୍ରେସ କର୍ମୀମାନେ ଜରାସିଂହା ପାକ୍ସରେ ତାଲା ପକାଇ ଧାରଣା ଦେଇଛନ୍ତି।

**ସଂକ୍ଷେପରେ**

## ମାକରବିର୍ଲି ଗାଁରେ ବାଘ ଆତଙ୍କ

**ବୋଡେନ,୨୧।୫(ଡି.ଏନ.ଏ.):** ନୂଆପଡା ଜିଲା ବୋଡେନ ବ୍ଲକ ନାଗପଡା ପଞ୍ଚାୟତ ମାକରବିର୍ଲି ଗ୍ରାମରେ କଲରାପତରିଆ ବାଘ ଆତଙ୍କ ଦେଖାଦେଇଛି। ସନ୍ଧ୍ୟା ହେଲେ ଲୋକେ ତାଟିକବାଟ ବନ୍ଦ କରି ଘରେ ରହୁଥିବା ଦେଖିବାକୁ ମିଳୁଛି। ମାକରବିର୍ଲି ଗାଁର ଭଗବାନ ମାଝିଙ୍କ ଗୋଟିଏ ବାଛୁରି ଓ ସର୍ଗିବାହାଲି ଚରନ ମାଝିଙ୍କ ଗୋଟିଏ ବାଛୁରିର ନାକ ଓ କାନ କାମୁଡି ନିକଟସ୍ଥ ଗୁରୁଡଙ୍ଗର ଜଙ୍ଗଲକୁ ଟାଣି ନେଇଯାଉଥିବା ବେଳେ ଗ୍ରାମବାସୀ ଉଦ୍ଧାର କରିଥିଲେ। ବାଘ ମାକରବିର୍ଲି ସମେତ ଆଖପାଖ ଗାଁରେ ବୁଲୁଥିବା ସୂଚନା ମିଳିଛି। ଏପରି ସନ୍ଧ୍ୟାରେ ଗାଁକୁ ଆସି ବାଛୁରିକୁ ନେବାକୁ ଚେଷ୍ଟା କରୁଛି। ଗତ ବର୍ଷରେ ମଧ୍ୟ ଏଭଳି ଗ୍ରାମକୁ ଆସି ୪ଟି ବାଛରିକୁ ଖାଇଥିଲା। ଏଥିପ୍ରତି ବନ ବିଭାଗ ଦୃଷ୍ଟି ଦେବାକୁ ଦାବି ହୋଇଛି।

## କଟକ ବାର୍ ଆସୋସିଏଶନ ମନ୍ତବ୍ୟକୁ ନିନ୍ଦା

**ହାଇକୋର୍ଟ ସ୍ଥାୟୀ ବେଞ୍ଚ ସ୍ଥାପନ ପ୍ରସଙ୍ଗ**

**ପାଟଣାଗଡ ୨୧.୦୫ (ଡି.ଏନ.ଏ):** ପଶ୍ଚିମ ଓ ଦକ୍ଷିଣ ଓଡିଶାରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ନେଇ ଗତ ୧୮ ତାରିଖରେ କଟକ ବାର ଆସୋସିଏଶନର କେତେକ କର୍ମକର୍ତ୍ତା ବିରୋଧ କରି ମନ୍ତବ୍ୟ ଦେଇଥିଲେ। ଏହାକୁ ପାଟଣାଗଡ କ୍ରିମିନାଲ କୋର୍ଟ ବାର ଆସୋସିଏଶନ ନିନ୍ଦା କରିଛି। ଶନିବର ସଭାପତି ବିପିନ ବିହାରୀ ପାଣିଗ୍ରାହୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ କେନ୍ଦ୍ର ସରକାରଙ୍କ ତରଫରୁ ପଶ୍ଚିମ ଓ ଦକ୍ଷିଣ ଓଡିଶାରେ ହାଇକୋର୍ଟ ବେଞ୍ଚ ସ୍ଥାପନ ନେଇ ହୋଇଥିବା ପ୍ରସ୍ତାବକୁ କଟକ ବାର ଆସୋସିଏଶନ କର୍ମକର୍ତ୍ତାଙ୍କ ବିରୋଧ ଆଞ୍ଚଳିକ ବୈଷମ୍ୟ ବଢାଇବ ବୋଲି ଉପସ୍ଥିତ ଆଇନଜୀବୀମାନେ ମତପ୍ରକାଶ କରିଥିଲେ। ଆଗାମୀ ଦିନରେ ସେମାନେ ଏଭଳି ବିରୋଧୀ ମନ୍ତବ୍ୟରୁ ନଓହରିଲେ ଭୟାନକ ଆନ୍ଦୋଳନ କରାଯିବ ବୋଲି ବାର ଆସୋସିଏଶନ ସଭାପତି ପାଣିଗ୍ରାହୀ କହିଛନ୍ତି। ବୈଠକରେ ସିଦ୍ଧାର୍ଥ ମିଶ୍ର, ଉପେନ୍ଦ୍ର ମିଶ୍ର, ଦର୍ପଗଞ୍ଜନ ପଟ୍ଟନାୟକ, ଚିନ୍ତାମଣୀ ରାଉତ, ରାଜେଶ ପୁରୋହିତ, ହରିବନ୍ଧୁ ମେହେର, ବାସୁଦେବ ପାଢୀ ପ୍ରମୁଖ ଉପସ୍ଥିତ ଥିଲେ।

## ଶିକ୍ଷକ ସଂଘ ପକ୍ଷରୁ ଏବିଇଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**ସିନାପାଲି,୨୧।୫(ଡି.ଏନ.ଏ.):** ନୂଆପଡ଼ା ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ନୂତନ ଭାବେ ସିନାପାଲିରେ ଯୋଗଦାନ କରିଥିବା ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ପ୍ରଭାତ କୁମାର ପାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଶନିବାର ସିନାପାଲି ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଜିଲା ଶିକ୍ଷକ ସଂଘ ସଭାପତି ଯଶୋବନ୍ତ ପଣ୍ଡା, ଉପସଭାପତି ଭରତ ବାଗ, ସମ୍ପାଦକ ଧନୁ ବାଗ, ଯୁଗ୍ମସମ୍ପାଦକ ହୃଦାନନ୍ଦ ମେହେର, ଖ ବ୍ଲକ ସଭାପତି ରୂପା ବାଗ, ସମ୍ପାଦକ ଚନ୍ଦ୍ର କୈବର୍ତ୍ତ, ସିନାପାଲି ବ୍ଲକ ସଭାପତି ପ୍ରସନ୍ନ ମାଝି, ଉପସଭାପତି ଅରୁଣ ଯୋଷୀ, ସମ୍ପାଦକ ବୈଷ୍ଣବ ମେହେର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଶିକ୍ଷା ଓ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ଏବଂ ଏହାର ସମାଧାନ ନେଇ ଶିକ୍ଷକ ନେତୃମଣ୍ଡଳୀ ଓ ଏବିଇଓଙ୍କ ମଧ୍ୟରେ ଆଲୋଚନା ହୋଇଥିଲା।

## ସବ୍‌ଜଜ୍ କୋର୍ଟ ଷ୍ଟେନୋଙ୍କ ସ୍ୱାମୀର ସନ୍ଦେହଜନକ ମୃତ୍ୟୁ

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ**

ପାଟଣାଗଡ ୨୧।୫ (ଡି.ଏନ.ଏ.)

ବଲାଙ୍ଗୀର ଜିଲା ପାଟଣାଗଡ ସବ୍‌ଜଜ୍‌କୋର୍ଟ ଷ୍ଟେନୋ ସସ୍ମିତା ଦଳେଇଙ୍କ ସ୍ୱାମୀ ଧନେଶ୍ୱର ବେହେରାଙ୍କ ଶୁକ୍ରବାର ରାତିରେ ମୃତ୍ୟୁ ଘଟିଛି। ଅପରାହ୍ନରେ ଧନେଶ୍ୱରଙ୍କୁ ଗୁରୁତର ଅବସ୍ଥାରେ ତାଙ୍କ ସ୍ତ୍ରୀ ତଥା ଷ୍ଟେନୋ ଦଳେଇ ସ୍ଥାନୀୟ ପାଟଣାଗଡ ଡାକ୍ତରଖାନାକୁ ଆଣିଥିଲେ। ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତଦେହ ଜବତ କରିଥିଲା। ଶନିବାର ବ୍ୟବଚ୍ଛେଦ ପରେ ମୃତଦେହ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଅପରପକ୍ଷରେ ଧନେଶ୍ୱରଙ୍କୁ ହତ୍ୟା କରାଯାଇଥିବା କଟକ ଜିଲା ଚାଉଳିଆଗଞ୍ଜ ଥାନା ଅନ୍ତର୍ଗତ ଗଡିରାଉତପାଟଣା ଗାଁର ତାଙ୍କ ପରିବାର ଲୋକେ ପାଟଣାଗଡ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ତଦନ୍ତ ଚାଲିଥିବା ଥାନାଧିକାରୀ ଅନନ୍ତ ପ୍ରଧାନ କହିଛନ୍ତି।

## ୧୬ କର୍ମଚାରୀ ଫେରାଇବେ ୨.୯୧ଲକ୍ଷ

- ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ହୋଇଥିଲା କାମ
- କାମ କରି ନ ଥିବା ଶ୍ରମିକଙ୍କ ନାମରେ ଟଙ୍କା ଉଠାଇବା ମହଙ୍ଗା ପଡିଲା

ଦେଓଗାଁ, ୨୧।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକର ଧଣ୍ଡାମାଲ, ଗାଇବାହାଲ ଓ ବନ୍ଧପଡା ପଞ୍ଚାୟତରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ହୋଇଥିବା କାମରେ କାମ କରି ନ ଥିବା ଶ୍ରମିକଙ୍କ ନାମରେ ଟଙ୍କା ଉଠିଛି। ଏହି ଘଟଣା ଏବେ ୧୬ଜଣ କର୍ମଚାରୀଙ୍କୁ ମହଙ୍ଗା ପଡିଛି। ୨୦୧୬-୧୭, ୨୦୧୭-୧୮, ୨୦୨୦-୨୧ ପ୍ଲାନଟେସନ ନାଁରେ ଓ ୨୦୧୭-୧୮,୨୦୧୮-୧୯ ଓ ୨୦୨୦-୨୧ ଆର୍ଥିକ ବର୍ଷରେ ଏମ୍‌ଜିଏନ୍‌ଆରଇଜିଏସ୍ ଯୋଜନାରେ ପ୍ରକଳ୍ପଗୁଡିକରେ କାମ କରି ନ ଥିବା ୨୦ଶ୍ରମିକଙ୍କ ନାଁରେ ଟଙ୍କା ଉଠା ଯାଇଥିବା ସାମାଜିକ ସମୀକ୍ଷା ତଦନ୍ତରୁ ଜଣାପଡିଥିଲା ବୋଲି ବ୍ଲକ ସାମାଜିକ ସମୀକ୍ଷକ ଅଧିକାରୀ ସତ୍ୟନାରାୟଣ କର୍ମି ସୂଚନା ଦେଇଛନ୍ତି।

ଧଣ୍ଡାମାଲ ପଞ୍ଚାୟତ ଦାୟିତ୍ୱରେ ଥିବା ଇଓ ନନ୍ଦିକିଶୋର ସାହୁଙ୍କ ନାଁରେ ୧୯,୮୯୦, ଜିଆରଏସ ହୋତାସନ ସୁନା ୧୩,୨୬୦, ପୂର୍ବତନ ଇଓ ଉପେନ୍ଦ୍ର ରଣା ୧୨,୦୯୩, ଗାଇବାହାଲ ଜିଆରଏସ ଦୟାନିଧି ମେହେର ୮,୦୬୨, ଇଓ ବୀଣା ପଧାନ ୧୮, ୬୬୫, ପୂର୍ବତନ ଜିଆରଏସ କେଦାର ଦଣ୍ଡସେନା ୧୨, ୪୪୩ ଓ ପୂର୍ବତନ ଜେଇ ପ୍ରଶାନ୍ତ କୁମାର ନାଏକ ୮୪, ୪୧୪ ଟଙ୍କା ତୁରନ୍ତ ବ୍ଲକ କାର୍ଯ୍ୟାଳୟରେ ଜମା କରିବାପାଇଁ ବିଡିଓ ରାମଦତ୍ତ ଭୋଇ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସାରସମାଲ ପଞ୍ଚାୟତ ଖେଳ ପଡିଆ କାମରେ ଶ୍ରମିକ ନ ଲଗାଇ ଟଙ୍କା ଉଠାଯିବା ଘଟଣାରେ ଗାଁସାଥୀ ପ୍ରମୋଦ ମିଶ୍ର ୧୫ ହଜାର, ଜିଆରଏସ ପ୍ରଶାନ୍ତ ପୋଢ ୧୫ ହଜାର, ଜେଇ କୃଷ୍ଣପ୍ରିୟା ମଣ୍ଡଳ ୧୦ହଜାର, ଇଓ ବୀରେନ୍ଦ୍ର ଛତ୍ରିଆ ୨୦ହଜାର୧୬୨ ଓ ପୂର୍ବତନ ସରପଞ୍ଚ କୁମୁଦିନୀ ବାଗ ନାଁରେ ୧୫ହଜାର, ସାଲେପାଲି ପଞ୍ଚାୟତର ଗାଁସାଥି ଗଣେଶ୍ୱର ସାହୁ ୧୫ ହଜାର, ଜିଆରଏସ ସରୋଜ କୁମାର ତାଣ୍ଡି ୧୫ ହଜାର, ଇ.ଓ ଶରତ କୁମାର ମହାନନ୍ଦ ୧୦ ହଜାର ଓ ପୂର୍ବତନ ସରପଞ୍ଚ ନିଳାଞ୍ଚଳ କୁଅଁର ୭୦୮୫ ଟଙ୍କା ତୁରନ୍ତ ବ୍ଲକ କାର୍ଯ୍ୟାଳୟରେ ଜମା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ବିଡିଓ ଭୋଇଙ୍କୁ ପଚାରିବାରୁ ଟଙ୍କା ଜମା କରିବାରେ ଖିଲାପ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।

## ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କର



ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

**ଛାତ୍ର ମୋହନ କୁମାରଙ୍କ ଅପହରଣ, ହତ୍ୟା ଘଟଣା**

ଟିଟିଲାଗଡ଼, ୨୧।୫ (ଡି.ଏନ.ଏ)

ଟିଟିଲାଗଡ ସହର ସିରଭଟାପଡାର ଛାତ୍ର ମୋହନ କୁମାର ସନ୍ଧ୍ୟାରେ ଟ୍ୟୁସନରୁ ଘରକୁ ଫେରୁଥିବା ବେଳେ ତାଙ୍କର ଜଣେ ସମ୍ପର୍କିୟଙ୍କ ଦ୍ୱାରା ଗତ ଏପ୍ରିଲ ୨୩ତାରିଖରେ ଅପହରଣ ପରେ ହତ୍ୟାର ଶିକାର ହୋଇଥିଲା। ଏନେଇ ସମସ୍ତ ଅଭିଯୁକ୍ତଙ୍କ ଗିରଫ ଦାବିରେ ପରିବାର ତଥା ସ୍ଥାନୀୟ ଲୋକେ ଶନିବାର ଟିଟିଲାଗଡ ଉପଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଏହି ଘଟଣାରେ ପୂର୍ବରୁ ମୁଖ୍ୟ ଅଭିଯୁକ୍ତକୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ତେବେ ମାମଲାରେ ଆହୁରି ଅନେକ ଲୋକେ ସାମିଲ ଥିବା ଅଭିଯୋଗ ହୋଇଛି। ଭାଜପା ନେତା ନରସିଂ ସିଂ, ପବିତ୍ର ସାହୁ, ବିଜୟ ଛୁରା, ବିକାଶ ତାଣ୍ଡି, କିଷାନ ନାଗ, ଦେବ ତାଣ୍ଡି, ଦିପାନ କୁମ୍ଭାର, ରାଜେଶ ଛୁରା, କଳ୍ପନା ମହାନନ୍ଦ, ସରୋଜିନୀ ଶିଖା, ସବିତା କୁମ୍ଭାର, ଅବଦୁଲ ଆଜିଜ କଳ୍ପନା କୁମ୍ଭାର, ସୁଶିଲା ନାଗ ପ୍ରମୁଖ ଏହି ବିକ୍ଷୋଭରେ ସାମିଲ ହୋଇଥିଲେ। ଉପଜିଲାପାଳ ମନୋଜ ସତ୍ୟୱାନ ମହାଜନ ଧାରଣାସ୍ଥଳକୁ ଆସି ବିକ୍ଷୋଭକାରୀଙ୍କଠାରୁ ଦାବିପତ୍ର ଗ୍ରହଣ କରିଥିଲେ। ଏସ୍‌ଡିପିଓ ସୁରେନ୍ଦ୍ରନାଥ ଶତପଥୀ, ଥାନା ଅଧିକାରୀ ରଞ୍ଜନ ବରିହା ଏହି ସମୟରେ ଉପସ୍ଥିତ ଥିଲେ।

## ବିନା ଫାଇଲ ଖୋଲା, ଏଷ୍ଟିମେଟରେ ସରିଲା କାମ

**ବିଜୁ କେବିକେ ଯୋଜନା ବାଟବଣା**

ଗୋଲାମୁଣ୍ଡା,୨୧।୫(ଡି.ଏନ.ଏ.)

ରାଜ୍ୟ ସରକାର ପ୍ରତିବର୍ଷ ଭିନ୍ନ ଭିନ୍ନ ଯୋଜନାରେ ଗ୍ରାମାଞ୍ଚଳର ବିକାଶ ପାଇଁ କୋଟି କୋଟି ଟଙ୍କା ଅର୍ଥ ଦେଉଛନ୍ତି। ହେଲେ ଗ୍ରାମାଞ୍ଚଳରେ ସେହି ଅର୍ଥର କିଭଳି ଦୁରୁପଯୋଗ ହେଉଛି ତାହା କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକରୁ ଜଣାପଡୁଛି। ଗୋଲାମୁଣ୍ଡା ବ୍ଲକ ମହାଲିଙ୍ଗ ପଞ୍ଚାୟତ ଅଧୀନ ଜୟନ୍ତପୁରଠାରୁ ବାବୁରମୁଣ୍ଡା ରାସ୍ତା ପାଇଁ ୨୦୨୨-୨୩ ଆର୍ଥିକ ବର୍ଷରେ ବିଜୁ କେବିକେ ରାଜ୍ୟ ପାଣ୍ଠିରୁ ୫ ଲକ୍ଷ ଟଙ୍କା ଅନୁମୋଦନ ହୋଇଛି। ହେଲେ ଠିକାଦାର ଆଗୁଆ କାମ ସାରିଦେଇଥିବା ଜଣାପଡିଛି। ଯେକୌଣସି କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଫାଇଲ ଖୋଲା ହେବା କଥା ଓ ଏଷ୍ଟିମେଟ ତିଆରି ହୋଇ କାମ ହେବା କଥା। କିନ୍ତୁ ବାସ୍ତବିକ ଚିତ୍ର ଏଠି ଓଲଟା। ଠିକାଦାର ଜଣକ ଫାଇଲ ଖୋଲା ନ ହେବା ଓ ଏଷ୍ଟିମେଟ ତିଆରି ନ ହେବା ପୂର୍ବରୁ ହିଁ ସେ ରାସ୍ତା କାମ ସାରିଦେଇଥିବା ଜଣାପଡିଛି। ଅଳ୍ପ କିଛି ମୋରୁମ ଯେନ ତେଣ ପ୍ରକାର ପକାଇ ୫ ଲକ୍ଷ ଟଙ୍କାର କାମ ସମ୍ପୂର୍ଣ୍ଣ କରି ଦେଇଥିବା ବେଳେ ନିମ୍ନମାନର କାମ ହୋଇଥିବା ଅଭିଯୋଗ ହୋଇଛି। ଏହି ରାସ୍ତା ପାଇଁ ପ୍ରତିବର୍ଷ ଲକ୍ଷ ଲକ୍ଷ ଟଙ୍କା ଅନୁମୋଦନ ହୋଇ ଆସିଥାଏ । ଠିକାଦାର ଓ ଯନ୍ତ୍ରୀ ମିଶି ଏହି ଟଙ୍କା ଆତ୍ମସାତ କରିଥିବା ମଧ୍ୟ ଆଗରୁ ଅଭିଯୋଗ ହୋଇଥିଲା। ଏହି ରାସ୍ତା ନିକଟସ୍ଥ ବାଘଖୋଲା ଜଙ୍ଗଲକୁ ସଂଯୋଗ କରୁଥିବାରୁ କାହାରି ନଜର ପଡି ନ ଥାଏ। ଏ ନେଇ ଦାୟିତ୍ୱରେ ଥିବା କନିଷ୍ଠ ଯନ୍ତ୍ରୀ ଚିତରଞ୍ଜନ ଜେନାଙ୍କୁ ପଚାରିବାରୁ ଘଟଣାକୁ ସ୍ୱୀକାର କରିଛନ୍ତି ।



ବିନା ଫାଇଲ ଖୋଲାରେ ହେଉଥିବା ରାସ୍ତା।

## ଧାରଣା ପ୍ରତ୍ୟାହାର କଲେ ପରିବାର ଲୋକେ



ଆନ୍ଦୋଳନକାରୀଙ୍କ ସହ ଥାନାଧିକାରୀ ଆଲୋଚନା କରୁଛନ୍ତି।

**ରତ୍ନପଥର ଖଣିରେ ୨ଶ୍ରମିକଙ୍କ ମୃତ୍ୟୁ ଘଟଣା**

ଟିଟିଲାଗଡ଼, ୨୧।୫(ଡି.ଏନ.ଏ)

ବଲାଙ୍ଗୀର ଜିଲା ଟିଟିଲାଗଡ ଥାନା ଗୁଲମି ସଂରକ୍ଷିତ ଜଙ୍ଗଲରେ ଗତ ଏପ୍ରିଲ ୨୨ ତାରିଖରେ ବେଆଇନ ରତ୍ନପଥର ଖଣି ଗାତରେ ୨ଆଦିବାସୀ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ଏହି ଘଟଣାରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ମୃତ୍ୟୁ ପାଇଁ ଦାୟି ବ୍ୟକ୍ତିଙ୍କ ଗିରଫ ଦାବିରେ ପୀଡିତାଙ୍କ ପରିବାର ଟିଟିଲାଗଡ ଥାନା ସମ୍ମୁଖରେ ଗତ ତିନି ଦିନ ହେଲା ଧାରଣା ଦେଇଥିଲେ। ଜିଲା କନ୍ଧ ସମାଜ ଯୁବ ସଂଗଠନର ନେତୃତ୍ୱରେ ଚାଲିଥିବା ଧାରଣା ଶନିବାର ପ୍ରତ୍ୟାହୃତ ହୋଇଛି। ସଂଗଠନ ଜିଲା ସଭାପତି ସୁରେଶ ଭୋଇ, ଉସଭାପତି ଧନେଶ୍ୱର ମାଝୀ, ସଇଁନ୍ତଲା ବ୍ଲକ ସଭାପତି ଖୁସିରାମ ଜାନୀ, ଉପସଭାପତି ରାଜେଶ ଭୋଇ, ମୁରିବାହାଲ ବ୍ଲକ ସଭାପତି ଯୋଷୀମଣୀ ପ୍ରଧାନୀ, ସାଧଅରଣ ସମ୍ପାଦକ ଗୋପାଲ ସିଂଭୋଇ, କୋଷାଧକ୍ଷ ବାଲଗୋବିନ୍ଦ ମାଝୀ, ବଙ୍ଗୋମୁଣ୍ଡା ବ୍ଲକ ପ୍ରତିନିଧି ଯୁବରାଜ ମାଝ ପ୍ରମୁଖଙ୍କ ସହ ଥାନା ଅଧିକାରୀ ରଞ୍ଜନ ବରିହା ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ। ଅଭିଯୁକ୍ତକୁ ତୁରନ୍ତ ଗିରଫ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନରେ ଧାରଣା ପ୍ରତ୍ୟାହୃତ ହୋଇଛି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ ନକଲେ ସଂଗଠନ ରାସ୍ତାକୁ ଓହ୍ଲାଇବ ବୋଲି ସଭାପତି ଭୋଇ ଚେତାବନୀ ଦେଇଛନ୍ତି।

## ଏନ୍‌ଡିୟୁଜେର ସାଧାରଣ ବୈଠକ, କର୍ମକର୍ତ୍ତା ଚୟନ

ନୂଆପଡ଼ା ଅଫିସ,୨୧।୫

ନୂଆପଡା ଜିଲା ବୋଡେନ ବ୍ଲକ ଅନ୍ତର୍ଗତ ଝରଣାମାଳଗାଁସ୍ଥିତ ଉପକାଗଙ୍ଗାଠାରେ ନୂଆପଡା ଡିଷ୍ଟ୍ରିକ ୟୁନିୟନ ଅଫ ଜର୍ଣ୍ଣାଲିଷ୍ଟ (ଏନ୍‌ଡିୟୁଜେ)ର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସାମ୍ବାଦିକ ସୁରକ୍ଷା ସହ ସାମାଜିକ ସମାଜ କଲ୍ୟାଣ ଉପରେ ଆଲୋଚନା ହେବା ସହିତ ନୂତନ କାର୍ଯ୍ୟକାରୀ କମିଟି ଗଠନ କରାଯାଇଥିଲା। ସର୍ବସମ୍ମତିକ୍ରମେ ସଭାପତି ଭାବେ ସୁଶାନ୍ତ କୁମାର କରଙ୍କୁ ମନୋନୀତ କରାଯାଇଛି। ସମ୍ପାଦକ ଭାବେ ସୀମାଞ୍ଚଳ ମହାପାତ୍ର, ଯୁଗ୍ମସମ୍ପାଦକ ବିଶିକେଶନ ପଣ୍ଡା, ଉପସଭାପତି ଦେବଦାସ ପାଢୀ, ରଞ୍ଜିତ ପଣ୍ଡା, ଯୁଗଳ କିଶୋର ମହାନନ୍ଦ, ରମେଶ ଜଗତ, ନୀଳମଣି ପଣ୍ଡା ଓ କୋଷାଧ୍ୟକ୍ଷ ଭାବେ ଅଂଶୁମାନ ଅଗସ୍ତି ମନୋନୀତ ହୋଇଛନ୍ତି। ଆଇନ ପରାମର୍ଶଦାତା ଭାବେ ସଚିନ୍ଦ୍ର ମୋହନ ଯୋଶୀ, ରାଜ୍ୟ କାର୍ଯ୍ୟକାରିଣି ସଦସ୍ୟ କୁମରମଣି ମହାନନ୍ଦ ଓ ଜାତୀୟ କାର୍ଯ୍ୟକାରିଣି ସଦସ୍ୟ ଭାବେ ମକାରୁ ବେମାଲଙ୍କୁ ମନୋନୀତ କରାଯାଇଛି। ମନୋଜ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ୧୦ କେନ୍ଦୁପତ୍ର ତୋଳାଳିଙ୍କୁ ମିଳିଲା ଅନୁକମ୍ପା ରାଶି

ପାଟଣାଗଡ/ଖପ୍ରାଖୋଲ, ୨୧।୫(ଡି.ଏନ.ଏ.)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ପାଟଣାଗଡ଼ କେନ୍ଦୁପତ୍ର ଡିଭିଜନ ଗୌଡ଼ପାଲିଠାରେ କେନ୍ଦୁପତ୍ର ଶ୍ରମିକ କଲ୍ୟାଣ ପାଣ୍ଠିରୁ ତୋଳାଳି ଓ ବନ୍ଧେଇ ଶ୍ରମିକଙ୍କୁ ମୃତୁକାଳୀନ ସହାୟତା ରାଶି ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଓଡିଶା କେନ୍ଦୁପତ୍ର ବିଭାଗ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ସୁଶୀଲ କୁମାର ପୋପାଲି, ସମ୍ମାନିତ ଅତିଥିଭାବେ ସହକାରୀ ମୁଖ୍ୟ ବନସଂରକ୍ଷକ ପ୍ରଦୀପ୍ତ କୁମାର ମହାପାତ୍ର, ପାଟଣାଗଡ଼ ଡିଏଫଓ ସୁରେଶ ଚନ୍ଦ୍ର ସେଠୀ ଯୋଗଦେଇଥିଲେ। ପାଟଣାଗଡ଼ କେନ୍ଦୁପତ୍ର ଡିବିଜନରେ ଚିହ୍ନଟ ୨୬ଜଣ ମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୧୦ଜଣଙ୍କୁ ମୁଖ୍ୟ ଅତିଥି ସହାୟତା ରାଶି ବାବଦ ଚେକ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଜଗନ୍ନାଥ ଦାସ, ଅଜିତ ମେହେର ହରିବଂଶ ପ୍ରଧାନ, ଜଳି ରଣା, ସୁଦାମ ମିର୍ଦ୍ଧା, କିଶୋରୀ ପ୍ରଧାନ, ସୁରେଶ ତାଣ୍ଡି, ଛବିନ୍ଦ୍ର ମେହେର, ଦେବରାଜ ସାହୁ, ଦୀନବନ୍ଧୁ ପଟେଲ, ବିଶାମିତ୍ର ପ୍ରଧାନ ପ୍ରମୁଖ ବିଭିନ୍ନ ରେଞ୍ଜର ଅଧିକାରୀ, ଫରେଷ୍ଟର ଓ କର୍ମଚାରୀ ଯୋଗ ଦେଇଥିଲେ। ଏହି ଚେକ ପାଇ ବନ୍ଧେଇ ଓ ତୋଳାଳି ପରିବାର ଲୋକ ଖୁସିବ୍ୟକ୍ତ କରିଥିଲେ।



ଜଣେ କେନ୍ଦୁପତ୍ର ତୋଳାଳିଙ୍କୁ ସହାୟତା ବାବଦ ଚେକ ପ୍ରଦାନ କରାଯାଉଛି।

## ଗାଁସାଥୀ ପଦ ଛାଡୁନାହାନ୍ତି ସରପଞ୍ଚ

**ଜଣେ ବ୍ୟକ୍ତିଙ୍କୁ ଗୋଟିଏ ପଦବୀ ଦାବିରେ ଜିଲାପାଳଙ୍କୁ ଫେରାଦ**

ଲୋଇସିଂହା, ୨୧।୫(ଡି.ଏନ.ଏ.)

ନିଯୁକ୍ତି ନାହିଁ। ଶିକ୍ଷିତ ବେକାରଙ୍କ ସଂଖ୍ୟା ବଢି ଚାଲିଛି। ହେଲେ ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକର କେତେକ ପଞ୍ଚାୟତରେ ଜଣେ ବ୍ୟକ୍ତି ଏକାଧିକ ପଦରେ କାମ କରୁଛନ୍ତି । ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବ୍ଲକ ଅନ୍ତର୍ଗତ ରତାଖଣ୍ଡି ଓ ମାଗୁରବେଡା ପଞ୍ଚାୟତରେ ଦୁଇଜଣ ଗାଁ ସାଥୀ ସରପଞ୍ଚ ନିର୍ବାଚିତ ହୋଇ ଦାୟିତ୍ୱ ଗ୍ରହଣ କରିଥିଲେ ହେଁ ଗାଁ ସାଥୀ ପଦ ଛାଡିନାହାନ୍ତି। ଫଳରେ ପଞ୍ଚାୟତ ଅଞ୍ଚଳରେ ଏମ୍‌ଜିଏନଆରଇଜିଏସ୍ ଓ ଅନ୍ୟାନ୍ୟ ଉନ୍ନୟନ କାମ ବାଧାପ୍ରାପ୍ତ ହୋଇଛି। ଏନେଇ ଜିଲାପାଳଙ୍କ ନିକଟରେ ସ୍ଥାନୀୟ ଲୋକେ ଫେରାଦ ହୋଇଛନ୍ତି। ଜଣେ ବ୍ୟକ୍ତିଙ୍କୁ ଗୋଟିଏ ପଦବୀରେ ରଖିବାକୁ ସେମାନେ ଦାବି କରିଛନ୍ତି ।

ତାଲଜୁରୀ ଗ୍ରାମର ଗାଁ ସାଥୀ ହିମାଞ୍ଚଳ ମେହେର ଚଳିତ ପଞ୍ଚାୟତ ନିର୍ବାଚନରେ ରତାଖଣ୍ଡି ପଞ୍ଚାୟତ ସରପଞ୍ଚ ନିର୍ବାଚିତ ହୋଇଛନ୍ତି। ସେହିପରି ପରଧିଆପାଲି ଗାଁ ସାଥୀ ତଥା ଗାଁ ସାଥୀ ସଂଘ ଜିଲା ସଭାପତି ସଞ୍ଜୟ ଗଡତ୍ୟା ମାଗୁରବେଡା ପଞ୍ଚାୟତର ସରପଞ୍ଚ ନିର୍ବାଚିତ ହୋଇଛନ୍ତି। ଦାୟିତ୍ୱ ଗ୍ରହଣ କରିବା ଇତିମଧ୍ୟରେ ୨ମାସ ବିତି ଯାଇଥିଲେ ବି ଉଭୟେ ଗାଁ ସାଥୀ ପଦବୀ ଛାଡୁ ନାହାନ୍ତି। ଅପରପକ୍ଷେ ବାଦିବାହଲ ପଞ୍ଚାୟତରେ ଜଣେ ବ୍ୟକ୍ତି ଦୀର୍ଘବର୍ଷ ହେଲା ଗାଁ ସାଥୀ, ହାତପମ୍ପ କାରିଗର ଓ ପମ୍ପ ଅପରେଟରଭାବେ କାର୍ଯ୍ୟରତ ଥିବା ଅଭିଯୋଗ ହୋଇଛି । କେତେକ ପଞ୍ଚାୟତରେ ପୂର୍ବତନ ସରପଞ୍ଚ ଓ ବର୍ତ୍ତମାନର ସରପଞ୍ଚ କୃଷକ ସାଥୀ ପଦବୀ ହାତେଇଛନ୍ତି। ଅନେକ ସମୟରେ ସେମାନଙ୍କ ବିରୋଧରେ ଅନିୟମିତତା ଅଭିଯୋଗ ଆସୁଛି । ହେଲେ ସ୍ଥାନୀୟ ଅଧିକାରୀଙ୍କ ସହ ସେମାନଙ୍କ ସମ୍ପର୍କରେ ଥିବାରୁ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଅଭିଯୋଗ ନେଇ ମାଗୁରବେଡା ସରପଞ୍ଚ ଗଡତ୍ୟାଙ୍କୁ ପଚାରିବାରୁ ସେମିତି ବି ବୁଡି ଅଞ୍ଚଳରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ କାମ ହେଉନାହିଁ। ତେବେ ଗାଁ ସାଥୀ ପଦ ପାଇଁ ସରକାର ମୋତେ ଦରମା ଦେଲେ ସରପଞ୍ଚ ପଦରୁ ଇସ୍ତଫା ଦେବି ବୋଲି କହିଛନ୍ତି। ସେହିପରି ରତାଖଣ୍ଡି ସରପଞ୍ଚ ମେହେର କହିଛନ୍ତି କାମ କରିବି ନାହିଁ କି ଆକାଉଣ୍ଟରେ ଟଙ୍କା ପକାଇବି ନାହିଁ। ଅନ୍ୟ ଜଣେ ଯୁବତୀ ଅଛନ୍ତି ଯିଏ କାମ କରିବେ। ବ୍ଲକ ଗାଁ ସାଥୀ ସଂଘର ପ୍ରଥମ ବୈଠକରେ ନିଷ୍ପତ୍ତି ହୋଇଛି ଯେ, ନୂତନ ନିଯୁକ୍ତି ଦିଆଯିବ ନାହିଁ। ଉପଜିଲାପାଳ ଲମ୍ବୋଦର ଧରୁଆଙ୍କୁ ଅଭିଯୋଗ ନେଇ ପ୍ରଶ୍ନ କରିବାରୁ କହିଛନ୍ତି, ଗା ସାଥୀ ଏକ ପୋଷ୍ଟ ନୁହେଁ । କାମ କଲେ ପାରିଶ୍ରମିକ ମିଳିଥାଏ। ତେବେ କୃଷକ ସାଥୀ, ହାତପମ୍ପ କାରିଗର ଆଦି ପଦବୀ ପାଇଁ ସ୍ଥାନୀୟ ବିଡିଓ ପଦକ୍ଷେପ ନେଇ ପାରିବେ ବୋଲି କହିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ପଞ୍ଚାୟତ ସମିତିର ପ୍ରଥମ ବୈଠକରେ କାମ କରୁ ନ ଥିବା ଗାଁ ସାଥୀ, ହାତପମ୍ପ କାରିଗର, କୃଷକ ସାଥୀଙ୍କୁ ହଟାଇ ନୂତନ ନିଯୁକ୍ତି ଦେବାକୁ ବିଡିଓ କହିଥିଲେ।

## ସଂକ୍ଷେପରେ

### ଅଂଶୁଘାତରେ ଗାଈ ଚରାଳି ମୃତ

ବୌଦ୍ଧ,୨୧ା୫(ସ୍ୱ.ପ୍ର.): ଗତ କିଛି ଦିନ ହେବ ବୌଦ୍ଧ ଜିଲାରେ ପ୍ରବଳ ଗ୍ରୀଷ୍ମପ୍ରବାହ ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡିଥିବା ବେଳେ ଜିଲାରେ ତାପମାତ୍ରା ୪୩ ଡିଗ୍ରୀ ଉପରେ ରହୁଛି। ଗ୍ରୀଷ୍ମ ପ୍ରବାହ ଯୋଗୁ ଜଣେ ଗାଈ ଚରାଳିଙ୍କ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହେଉଛି। ମିଳିଥିବା ସୂଚନା ମୁତାବକ, ବୌଦ୍ଧ ବ୍ଲକ ମୁରୁଷୁଣି ଗ୍ରାମର ସତ୍ୟାନନ୍ଦ ଭୁକ୍ତା (୬୦) ସବୁଦିନ ଭଳି ଶନିବାର ଗୋରୁ ପଲ ନେଇ ଗ୍ରାମ ନିକଟସ୍ଥ ମହାନଦୀ କୂଳକୁ ଯାଇଥିଲେ। ସେଠାରେ ଗାଈ ଚରାଉଥିବା ବେଳେ ହଠାତ୍ ସେ ସଂଜ୍ଞାହୀନ ହୋଇ ପଡିଥିଲେ। ଗୋରୁପଲ ଓ ସତ୍ୟାନନ୍ଦ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକ ତାଙ୍କୁ ଖୋଜିବାକୁ ଯାଇ ଘଟଣାସ୍ଥଳରୁ ତାଙ୍କୁ ଉଦ୍ଧାର କରି ଘରକୁ ଆଣିଥିଲେ। କିନ୍ତୁ ସତ୍ୟାନନ୍ଦଙ୍କ ମୃତ୍ୟୁ ଘଟିଥିବା ଜଣାପଡିଥିଲା। ପ୍ରଚଣ୍ଡ ଖରା ଯୋଗୁ ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଥିବା ପରିବାର ଓ ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଉଥିବା ବେଳେ ସରକାରୀ ଭାବରେ ଏହା ରେକର୍ଡ କରାଯାଇନାହିଁ।

### ଝାଞ୍ଜି ପାହାଡ଼ରୁ ଅଜଣା ମୃତଦେହ ଜବତ

ପଦ୍ମପୁର, ୨୧ା୫ (ଡି.ଏନ.ଏ): ବରଗଡ଼ ଜିଲା ମେଲଛାମୁଣ୍ଡା ଥାନା ଅଧୀନ ଝାଞ୍ଜି ପାହାଡରୁ ଏକ ମୃତଦେହକୁ ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରିନାହିଁ। ବନ ବିଭାଗ କର୍ମଚାରୀ ଜଙ୍ଗଲରେ ପାଟ୍ରୋଲିଂ କରୁଥିବା ବେଳେ ମୃତଦେହ ଦେଖି ପୋଲିସକୁ ଖବର ଦେଇଥିଲେ। ଏଏସ୍ଆଇ କେତନ ଧରୁଆଙ୍କ ନେତୃତ୍ୱରେ ପୋଲିସ ଟିମ୍ ଘଟଣାସ୍ଥଳକୁ ଯାଇ ମୃତଦେହକୁ ଜବତ କରିଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ଉପଖଣ୍ଡ ଚିକିତ୍ସାଳୟକୁ ପଠାଯାଇଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ.୨।୨୨) ରୁଜୁ ହୋଇଛି।

### ନାଇଟ୍ କ୍ରିକେଟ: ବାଦିକଟା ଚାମ୍ପିୟନ

ପଦ୍ମପୁର, ୨୧ା୫ (ଡି.ଏନ.ଏ): ବରଗଡ଼ ଜିଲା ପଦ୍ମପୁର ଉପଖଣ୍ଡ ଗଡ଼ିଡିହି ଚଙ୍ଗରିଆ ଅଗ୍ରଗାମୀ କ୍ରିକେଟ କ୍ଲବ ପକ୍ଷରୁ ଚାଲିଥିବା ରାତ୍ରିକାଳୀନ କ୍ରିକେଟ ଟୁର୍ନାମେଣ୍ଟ ଶନିବାର ଶେଷ ହୋଇଛି। ଟୁର୍ନାମେଣ୍ଟରେ ୩୪ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚ୍ ସମ୍ବଲପୁରୀ ଓ ବାଦିକଟା ମଧ୍ୟରେ ହୋଇଥିଲା। ଏଥିରେ ବାଦିକଟା ଟିମ୍ ଚାମ୍ପିୟନ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ବିଜେଡି ଯୁବ ନେତା ଗୌତମ ସିଂ, ଲଖମରା ସରପଞ୍ଚ ସୁବାଷ ଝଗରା, ଶିକ୍ଷକ ମଣି ମହାନନ୍ଦ, ଅବସରପ୍ରାପ୍ତ ଶିକ୍ଷକ ନୀଳମଣି ଭୋଏ, ଆନନ୍ଦ ବାଲମ, ଅମରେଶ ଭୋଇ, ଦିପ୍ତୀ ବାରିକ, ମଣ୍ଟୁ ବେହେରା, ପାଣ୍ଡବ ଡନସନା ଅତିଥି ଭାବେ ଯୋଗ ଦେଇଥିଲେ। ଲୋକନାଥ ସାହୁ, ସୁବାଷ ମହାକୁଡ ଖେଳ ପରିଚାଳନା କରିଥିବା ବେଳେ ଦୀପକ ସୁନା ସ୍କୋରିଂ କରିଥିଲେ। ଚନ୍ଦ୍ରଶେଖର ନାୟକ ଓ ଜନତା ପ୍ରଧାନ ଉଦ୍‌ଘୋଷକ ଥିଲେ। କାହ୍ନା ବାଲମ, ରାକେଶ ସାହୁ, ସୁକେଶ ପ୍ରଧାନ, ଜନକ ବରିହା, ବାରୁ ସୁନା ସହ ଅଗ୍ରଗାମୀ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ଗଞ୍ଜେଇ ସହ ପିସ୍ତଲ ଜବତ : ନାବାଳକ ଗିରଫ

**ମିଥ୍ୟା ଆରୋପରେ ଗିରଫ କରାଯାଇଥିବା ଅଭିଯୋଗ**

ବୌଦ୍ଧ,୨୧ା୫ (ସ୍ୱ.ପ୍ର.): ଗଞ୍ଜେଇ ସହ ପିସ୍ତଲ ଜବତ ଘଟଣାରେ ଜଣେ ନାବାଳକଙ୍କୁ ଗିରଫ କରାଯାଇ ଶନିବାର କୋର୍ଟ ଚାଲାଣ କରାଯାଇଛି। ଏହି ଘଟଣାରେ ଅନ୍ୟ ଜଣେ ଫେରାର ଅଛନ୍ତି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଶୁକ୍ରବାର ଖୁଣ୍ଟବନ୍ଧ ନିକଟସ୍ଥ ଢାବା ପାଖରୁ ଏକ ମୋଟରସାଇକେଲ (ନମ୍ବର ଓଡ଼ି୨୭ସି ୭୪୭୧) ସହିତ ୨୧ କିଲୋ ଗଞ୍ଜେଇ, ପିସ୍ତଲ ଓ ୪ଟି ଅଫୁଟା ଗୁଳି ଜବତ ହୋଇଥିଲା। ଏହି ମାମଲାରେ ଜଣେ ନାବାଳକଙ୍କୁ ପୋଲିସ ଗିରଫ କରିଥିବା ବେଳେ ଅନ୍ୟ ଜଣେ ଫେରାର ହୋଇ ଯାଇଥିଲେ। ଅପରପକ୍ଷରେ ନାବାଳକଙ୍କ ପରିବାର ଲୋକେ କହିଛନ୍ତି, ନାବାଳକଙ୍କ ସହ ପୋଲିସର ପାଟିତୁଣ୍ଡ ହୋଇଥିଲା। ଏନେଇ ଗୁରୁବାରଠାରୁ ତାଙ୍କୁ ଥାନାରେ ରଖି ଶନିବାର ଗଞ୍ଜେଇ ଚାଲାଣ ନେଇ ମିଥ୍ୟା ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛନ୍ତି। ପରିବାର ଲୋକେ ଏ ସଂକ୍ରାନ୍ତରେ ଜିଲାପାଳ ଓ ବୌଦ୍ଧ ଆରକ୍ଷୀ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କରିଥିବା ଜଣାପଡିଛି।

# ଜୀବନ ଦହଗଞ୍ଜ କରୁଛି ତାତି


ତାତି ଯୋଗୁ ବରଗଡ଼ ସହର ଲୋକେ ମୁଣ୍ଡ ଘୋଡ଼ାଇ ଯାଉଛନ୍ତି ।


ବରଗଡ଼ ସହର ରାସ୍ତାପାର୍ଶ୍ୱରେ ଫଳ ପସରା ।

ବରଗଡ଼ ଅଫିସ୍,୨୧ା୫

ବରଗଡ଼ ଜିଲାରେ ତାତି ଥମିବାର ନାଁ ନେଉନାହିଁ। ଦିନକୁ ଦିନ ଏହା ବଢ଼ି ଚାଲିଛି। ଶନିବାର ଜିଲାରେ ସର୍ବାଧିକ ତାପମାତ୍ରା ୪୩.୫ ଡିଗ୍ରୀ ରେକର୍ଡ଼ କରାଯାଇଛି। ଏଥିଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଘରୁ ପଦାକୁ ବାହାରିବା ମୁସ୍କିଲ ହୋଇପଡ଼ିଛି। ଏଭଳି ସମୟରେ ବାରମ୍ବାର ବିଦ୍ୟୁତ କାଟ୍ ଜୀବନକୁ ଆହୁରି ଦହଗଞ୍ଜ କରିପକାଉଛି। ତାତି ବୃଦ୍ଧି ଯୋଗୁ ଅଂଶୁଘାତ ଭୟ ମଧ୍ୟ ଦେଖାଯାଇଛି।

ଏପ୍ରିଲ ମାସ ପରେ ଜିଲାରେ ତାପମାତ୍ରା ହ୍ରାସ ପାଇବାରେ ଲାଗିଥିଲା। ଏପ୍ରିଲ ୨୮ତାରିଖରେ ଜିଲାରେ ତାପମାତ୍ରା ସର୍ବାଧିକ ୪୪.୪ ଡିଗ୍ରୀ ରହିଥିବାବେଳେ ମେ ୧ରେ ଏହା ୪୦ ଡିଗ୍ରୀକୁ ଖସିଥିଲା। ଏଭଳି ଭାବେ ତାପମାତ୍ରା ହ୍ରାସ ପାଇଥିଲା ଏବଂ ମେ ୮ରେ ଜିଲାରେ ଏହା ୨୮ଡିଗ୍ରୀ ରହିଥିଲା। ଏହା ପରଠାରୁ ପୁଣି ଜିଲାରେ ତାତି ବଢ଼ି ଚାଲିଛି। ଦ୍ୱିତୀୟ ସପ୍ତାହରେ ସର୍ବାଧିକ ତାପମାତ୍ରା ୪୦ଡିଗ୍ରୀ ରେକର୍ଡ଼ କରାଯାଇଥିବା ବେଳେ ତୃତୀୟ ସପ୍ତାହରେ ଶନିବାର ଏହା ୪୩.୫ ଡିଗ୍ରୀକୁ ଛୁଇଁଛି । ଜିଲାରେ ବର୍ତ୍ତମାନ ରବି ଧାନ ଅମଳ ଚାଲିଥିବାବେଳେ ମୁଖ୍ୟତଃ ଚାଷୀ, କୃଷି ଶ୍ରମିକଙ୍କୁ ତାତି କଷ୍ଟ ସହିବାକୁ ପଡୁଛି। ମାତ୍ର ତାତି ଅସହ୍ୟ ଯୋଗୁ ଧାନ ଅମଳରେ ବାଧକ ସାଜିଛି। ଦିନ ୧୦ଟାରୁ ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ରାସ୍ତାଘାଟ ଶୂନଶାନ ହୋଇପଡୁଛି। ଅତି ଜରୁରୀ କାମରେ ଲୋକେ ମୁଣ୍ଡରେ ପଗଡ଼ି, ଓଢ଼ଣି ଦେଇ ଯାତାୟାତ କରୁଛନ୍ତି।

- **ଲୋକଙ୍କୁ ଘାରୁଛି ଅଂଶୁଘାତ ଚିନ୍ତା**
- **ତାପମାତ୍ରା ୪୩.୫ ଡିଗ୍ରୀ ଛୁଇଁଲା**
- **ଧାନ ଅମଳରେ ତାତି ବୃଦ୍ଧି ବାଧକ**

ଅନ୍ୟପକ୍ଷେ ତାତି ବୃଦ୍ଧି ଯୋଗୁ ଥଣ୍ଡା ପାନୀୟ, ରସାଳ ଫଳର ଚାହିଦା ବଢ଼ିଛି। ଆଖୁ ରସ ଗ୍ଲାସ ପ୍ରତି ୨୦ଟଙ୍କାରେ ବିକ୍ରି ହେଉଥିବାବେଳେ ସରବତ ଦର ମଧ୍ୟ ଅନୁରୂପ ରହିଛି। ଲେମ୍ବୁ ଗୋଟାକୁ ୫ଟଙ୍କା, ତାଳ ୧୦ଟଙ୍କା, ତରଭୁଜ କିଗ୍ରା ପ୍ରତି ୨୦ଟଙ୍କାରେ ବିକ୍ରି ହେଉଛି । ଏହା ସହିତ କାକୁଡ଼ି, ପଇଡ଼, ଦହିବରା ଆଦିର ଚାହିଦା ରହିଛି । ଖରାତାତି ସହି ପରିବାର ଗୁଜୁରାଣ ମେଣ୍ଟାଇବା ପାଇଁ କିଛି ଲୋକ ରାସ୍ତାକଡ଼ରେ ସେଭଳି ଠେଲା, ପସରା ବସାଇଥିବା ଦେଖିବାକୁ ମିଳିଛି ।

ତେବେ ଅନ୍ୟବର୍ଷ ଭଳି ଏଥର ଏପର୍ଯ୍ୟନ୍ତ ଅଂଶୁଘାତ ଜନିତ ମୃତ୍ୟୁ ହୋଇନାହିଁ। ଅଂଶୁଘାତ ରୋଗୀ ମଧ୍ୟ ଡାକ୍ତରଖାନାକୁ ଆସି ନ ଥିବା ଦେଖିବାକୁ ମିଳିଛି। ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ସାଧୁଚରଣ ଦାଶ କହିଛନ୍ତି, ଅଂଶୁଘାତ ପ୍ରତି ଲୋକେ ସଚେତନ ଅଛନ୍ତି। ଏପର୍ଯ୍ୟନ୍ତ ଅଂଶୁଘାତ ଜନିତ ମୃତ୍ୟୁ ହୋଇନାହିଁ। ଅଂଶୁଘାତ ରୋଗୀଙ୍କ ଚିକିତ୍ସା ପାଇଁ ଜିଲାର ସମସ୍ତ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱତନ୍ତ୍ର ଶୀତତାପ ନିୟନ୍ତ୍ରିତ କକ୍ଷ ଖୋଲାଯାଇଥିବା ବେଳେ ଆବଶ୍ୟକ ଔଷଧ ମହଜୁଦ ରହିଛି।

## ବରପାଲି ଏନ୍ଏସି ଜେଇ ନିଲମ୍ବିତ, ଇଓଙ୍କୁ ବଦଳି

ବରପାଲି,୨୧ା୫(ଡି.ଏନ.ଏ.)

ବହୁ ଦୁର୍ନୀତିରେ ସଂଶ୍ଳିଷ୍ଟ ଥିବା ଅଭିଯୋଗରେ ରାଜ୍ୟ ସରକାର ବରପାଲି ଏନ୍ଏସିର ଜୁନିୟର ଇଞ୍ଜିନିୟର ଶିବ ଶଙ୍କର ଗିରିଙ୍କୁ ନିଲମ୍ବିତ କରିଛନ୍ତି। ଏହାସହ ଏନ୍ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରମୋଦ ଚନ୍ଦ୍ର ମେହେରଙ୍କୁ ବଦଳି କରାଯାଇଛି ।

ସୂଚନା ଅନୁସାରେ, ବରପାଲି ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଜେଇଙ୍କ ବିରୋଧରେ ଦୁର୍ନୀତିରେ ଲିପ୍ତ, ଦାୟିତ୍ୱରେ ଖିଲାପ ଅଭିଯୋଗ ରହିଥିଲା। ଫଳରେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗର ପତ୍ର ସଂଖ୍ୟା ଏଚ୍ୟୁଡି-ଏମ୍ୟୁଏନ୍-ଏଡିଏମ୍-୦୦୦୫-୨୦୨୨/୮୯୯୫ ଅନୁସାରେ ଅଧିକାରୀ ପ୍ରମୋଦ ଚନ୍ଦ୍ର ମେହେରଙ୍କୁ ବ୍ରହ୍ମପୁର ମ୍ୟୁନିସିପାଲଟିକୁ ବଦଳି ହୋଇଥିବା ବେଳେ ଜେଇ ଶିବ ଶଙ୍କର ଗିରିଙ୍କୁ କାର୍ଯ୍ୟରୁ ନିଲମ୍ବିତ କରାଯାଇଛି। ଉଭୟଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ମଧ ନିଆଯାଉଛି। ଉଲ୍ଲେଖନୀୟ, ବିଜେପୁର ନିର୍ବାଚନ ମଣ୍ଡଳୀର ବରପାଲି ସହରର ଉନ୍ନତି ପାଇଁ ରାଜ୍ୟ ସରକାର କୋଟି କୋଟି ଟଙ୍କାର ଆର୍ଥିକ ଅନୁଦାନ ପ୍ରଦାନ କରିଥିଲେ। କିନ୍ତୁ ଏପରି କେତେଜଣ ମୁନଫାଖୋର ଅଧିକାରୀଙ୍କ ଯୋଗୁ ବରପାଲିରେ କୌଣସି ଆଖିଦୃଷ୍ଟିଆ ଉନ୍ନତି ହୋଇ ପାରିନାହିଁ। ଏ ନେଇ ରାଜ୍ୟ ସରକାରଙ୍କ ୫-ଟିରେ ଅଭିଯୋଗ ହେବା ପରେ ରାଜ୍ୟ ସରକାର ତାଙ୍କ ବିରୁଦ୍ଧରେ ପଦକ୍ଷେପ ନେଇଛନ୍ତି।

## ସ୍ୱାସ୍ଥ୍ୟ ସମସ୍ୟା ନେଇ ସିଡିଏମ୍ଓଙ୍କୁ ଫେରାଦ


ସ୍ୱାସ୍ଥ୍ୟ ସମସ୍ୟା ନେଇ ସିଡ଼ିଏମ୍ଓଙ୍କ ସହିତ ଆଲୋଚନା ।

ବରଗଡ଼ ଅଫିସ୍,୨୧ା୫

ବରଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ସହର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ସମାଧାନ ଦାବିରେ ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଚେତନାର ଏକ ପ୍ରତିନିଧି ଦଳ ଶନିବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ (ସିଡ଼ିଏମଓ)ଙ୍କୁ ଫେରାଦ ହୋଇଥିଲେ। ସିଡ଼ିଏମ୍ଓ ଡା. ସାଧୁଚରଣ ଦାଶଙ୍କ ସହିତ ସ୍ୱାସ୍ଥ୍ୟ ସମସ୍ୟା ନେଇ ଏହି ପ୍ରତିନିଧି ଦଳ ଆଲୋଚନା କରିଥିଲେ। ଉଭୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଓ ପାଥୋଲୋଜିଷ୍ଟ ନିଯୁକ୍ତି, କ୍ୟାନସର ହସ୍ପିଟାଲ ନିର୍ମାଣ ତ୍ୱରାନ୍ୱିତ କରିବା ଏବଂ ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇବା ଦିଗରେ ପଦକ୍ଷେପ ନେବାକୁ ସିଡ଼ିଏମ୍ଓଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ସେହିପରି ଜିଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଆଟେଣ୍ଡାଣ୍ଟଙ୍କ ପାଇଁ ଗେଷ୍ଟ ସେଡ୍ ନିର୍ମାଣ, ଅସ୍ଥିଶଲ୍ୟ ବିଶେଷଜ୍ଞ, ଚକ୍ଷୁ ବିଶେଷଜ୍ଞ ନିଯୁକ୍ତି, ପ୍ରତି ମାସ ଦ୍ୱିତୀୟ ଶନିବାର କ୍ୟାନ୍ସର ପୀଡ଼ିତଙ୍କ ପାଇଁ ହେଉଥିବା ଚିକିତ୍ସା ସେବାର ପ୍ରଚାର ପ୍ରସାର, ସ୍ତ୍ରୀ ଓ ପ୍ରସୂତୀ ବିଭାଗରେ ନୂତନ ଅଲଟ୍ରା ସାଉଣ୍ଡ ମେଶିନ କାର୍ଯ୍ୟକ୍ଷମ କରିବା, ସହର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ରକ୍ତ ପୃଥକୀକରଣ ୟୁନିଟ୍ କାର୍ଯ୍ୟକ୍ଷମ କରିବା, କ୍ୟାମ୍ପସ ମେଡ଼ିଶିନ ଷ୍ଟୋର ଖୋଲାଯିବା ପାଇଁ ଦାବି ଉପସ୍ଥାପନ କରାଯାଇଥିଲା। ଏହି ପ୍ରତିନିଧି ଦଳରେ ଚେତନା ଅନୁଷ୍ଠାନର ରବି ପଣ୍ଡା, ଲିପ୍ସିତ ମିଶ୍ର, ପ୍ରୀତମ ସିଂ, ଯଶବୀର ସିଂ, ଅଭିଜିତ ପ୍ରତିହାର ପ୍ରମୁଖ ସାମିଲ ହୋଇଥିଲେ।

# ରାସ୍ତା ପାଲଟିଛି ପରିବା ବଜାର

ବରଗଡ଼ ଅଫିସ୍,୨୧ା୫


ବରଗଡ଼ ସବ୍‌ଜେଲ ପଛପଟ ରାସ୍ତାରେ ବସିଥିବା ପରିବା ବଜାର ।

ବରଗଡ଼ ସବ୍‌ଜେଲ ପଛପଟ ରାସ୍ତା ଗତ କିଛିଦିନ ହେଲା ପରିବା ବଜାର ପାଲଟିଛି। ପରିବା ବ୍ୟବସାୟୀ ଏବଂ ଗରାଖଙ୍କ ଭିଡ଼ରେ ସକାଳୁ ଉକ୍ତ ରାସ୍ତା ଗହଳି ରହୁଛି । ଫଳରେ ରାସ୍ତାରେ ଟ୍ରାଫିକ ସମସ୍ୟା ଉପୁଜୁଛି। ୨ଚକିଆ, ୪ଚକିଆ ଯାନ ଯାତାୟାତ କରିବା ମୁସ୍କିଲ ହୋଇ ପଡୁଥିବାବେଳେ ଦୁର୍ଘଟଣା ଆଶଙ୍କା ରହିଛି। ଏହି ସ୍ଥାନଟି ସ୍ଥାନୀୟ ଟାଉନ ଥାନା ଏବଂ ମ୍ୟୁନିସିପାଲିଟି କାର୍ଯ୍ୟାଳୟର ଅନତିଦୂରରେ ଥିବାବେଳେ ଉଭୟ ପୋଲିସ ଏବଂ ପୌର କର୍ତ୍ତୃପକ୍ଷ ନିରବଦ୍ରଷ୍ଟା ସାଜିବା ଚର୍ଚ୍ଚାର ବିଷୟ ହୋଇଛି।

ପ୍ରକାଶ ଯେ, ଜେଲ ପଛପଟ ରାସ୍ତା ଗୋଟିଏ ପଟେ ସହର ମୁଖ୍ୟରାସ୍ତା ଏବଂ ଅନ୍ୟପଟେ ଭଟଲି ଛକ ରାସ୍ତାକୁ ସଂଯୋଗ କରିଛି। ଏହି ରାସ୍ତା ଥାନା ଛକ, ମହିଳା କଲେଜ ଛକ, ଖଜୁରଟିକ୍ରା ଛକ, ପୁରୁଣା ହସ୍ପିଟାଲ ଛକ ଆଦି ନିର୍ଭରଶୀଳ ସ୍ଥାନକୁ ସଂଯୋଗ ହୋଇଛି। ଏହାସହିତ ଉକ୍ତ ରାସ୍ତା ଦେଇ ଜର୍ଜ ହାଇସ୍କୁଲ, ସରସ୍ୱତୀ ଶିଶୁ ମନ୍ଦିର ସମେତ ବିଭିନ୍ନ ଶିକ୍ଷାନୁଷ୍ଠାନକୁ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଯିବା ଆସିବା କରନ୍ତି। ସ୍କୁଲବସ୍ ଗୁଡ଼ିକ ମଧ୍ୟ ଯାତାୟାତ କରୁଛି। ସକାଳୁଆ ପାଠପଢ଼ା ହେଉଛି। ସକାଳୁ ରାସ୍ତା ଉପରେ ପରିବା ବଜାର ବସୁଥିବାରୁ ପରିବା ବଜାରକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଜରୁରି ହୋଇପଡିଛି।

- **ବଢ଼ୁଛି ଟ୍ରାଫିକ ସମସ୍ୟା, ଦୁର୍ଘଟଣା ଆଶଙ୍କା**
- **ପୋଲିସ, ପୌର କର୍ତ୍ତୃପକ୍ଷ ନୀରବଦ୍ରଷ୍ଟା**

ଉଲ୍ଲେଖନୀୟ ବରଗଡ଼ ହାଟପଦାରେ ପରିବା ବଜାର ରହିଥିବାବେଳେ ରେଳ ଷ୍ଟେଶନ ରାସ୍ତା ପାର୍ଶ୍ୱରେ କୃଷକ ବଜାର ମଧ୍ୟ ରହିଛି। କୋଭିଡ୍ ସମୟରେ ସ୍ଥାନୀୟ ଜର୍ଜ ହାଇସ୍କୁଲ ପଡ଼ିଆରେ ଅସ୍ଥାୟୀ ପରିବା ବଜାର ଖୋଲିଥିଲା। ସେହିଦିନଠାରୁ ବ୍ୟବସାୟୀମାନେ ସେଠାରେ ପରିବା ବିକ୍ରିବଟା କରିଆସୁଥିଲେ। ତେବେ ସ୍କୁଲ ପଡ଼ିଆକୁ ପରିବା ବଜାର ଭାବେ ବ୍ୟବହାର କରାଯାଇଥିବାରୁ ପଡ଼ିଆ ଅପରିଷ୍କୃତ ହୋଇ ପଡ଼ିଥିବାବେଳେ ସ୍କୁଲ ପରିବେଶ ପାଇଁ ମଧ୍ୟ ତାହା ଅନୁକୂଳ ନ ଥିଲା। ଏବେ ପରିବା ବିକାଳିମାନେ ସେଠାରୁ ସିଧାସଳଖ ରାସ୍ତା ଉପରକୁ ଆସିବା ଟ୍ରାଫିକ୍ ସମସ୍ୟାକୁ ଆହୁରି ବଢ଼ାଇ ଦେଇଛି। ଫଳରେ ଏଠାରେ ନିର୍ଭରଶୀଳ ପରିବା ବିକାଳିଙ୍କ ପାଇଁ ବିକଳ୍ପ ବ୍ୟବସ୍ଥା ସହିତ ରାସ୍ତା ଉପରୁ ପରିବା ବଜାର ହଟାଇବା ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଦାବି ହୋଇଛି।

## ୨କେନ୍ଦ୍ରରେ ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ ଆରମ୍ଭ

ବରଗଡ଼ ଅଫିସ୍,୨୧ା୫

ରାଜ୍ୟରେ ମାଧ୍ୟମିକ ଶିକ୍ଷା ପରିଷଦ ପରିଚାଳିତ ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ ଆରମ୍ଭ ହୋଇଛି। ବରଗଡ଼ ଜିଲାରେ ବରଗଡ଼ ଜର୍ଜ ହାଇସ୍କୁଲ ଏବଂ ପଦ୍ମପୁର ଆର୍‌ବି ହାଇସ୍କୁଲରେ ଏଥିପାଇଁ ୨ଟି କେନ୍ଦ୍ର ଖୋଲାଯାଇଛି। ଏହ ପ୍ରକ୍ରିୟାରେ ଉଭୟ କେନ୍ଦ୍ରରେ ୪୪୨ଜଣ ପରୀକ୍ଷକ ୧୮ଟି ୟୁନିଟ୍‌ରେ ପରୀକ୍ଷାର୍ଥୀଙ୍କ ଉତ୍ତର ଖାତା ମୂଲ୍ୟାୟନ କରୁଛନ୍ତି। ସେହିପରି ୧୮ଜଣ ମୁଖ୍ୟ ପରୀକ୍ଷକ ଏବଂ ୩୬ଜଣ ଡେପୁଟି ପରୀକ୍ଷକଙ୍କୁ ବୋର୍ଡ଼ ଦ୍ୱାରା ନିଯୁକ୍ତି ପ୍ରଦାନ କରାଯାଇଥିବା ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଜ୍ୟୋତିକାନ୍ତ ସାହୁ ସୂଚନା ପ୍ରଦାନ କରିଛନ୍ତି। ମୂଲ୍ୟାୟନ କେନ୍ଦ୍ରଗୁଡ଼ିକରେ ପାନୀୟଜଳ ବ୍ୟବସ୍ଥା ସହ ପ୍ରତି ୟୁନିଟ୍‌ରେ ପଙ୍ଖା ବ୍ୟବସ୍ଥା କରାଯାଇଛି। ସେହିପରି ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା ଯୋଗାଇ ଦେବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ କରାଯାଇଥିବା ଅତିରିକ୍ତ ଜିଲା ଶିକ୍ଷାଧିକାରୀ ସାହୁ କହିଛନ୍ତି।

## ସରପଞ୍ଚ ପଦବୀ ପାଇଁ ୨୭ରେ ଉପ ନିର୍ବାଚନ


ଗୋବିନ୍ଦପୁରରେ ଜଣେ ସରପଞ୍ଚ ପ୍ରାର୍ଥୀ ନିର୍ବାଚନୀ ପ୍ରଚାର କରୁଛନ୍ତି ।

ବରଗଡ଼ ଅଫିସ୍,୨୧ା୫

ବରଗଡ଼ ବ୍ଲକ ଗୋବିନ୍ଦପୁର ପଞ୍ଚାୟତର ସରପଞ୍ଚ ପଦବୀ ପାଇଁ ଆସନ୍ତା ୨୭ତାରିଖରେ ଉପନିର୍ବାଚନ ହେବ। ଗତ ପଞ୍ଚାୟତ ଭୋଟ୍ ସମୟରେ ମତଦାନ ପୂର୍ବରୁ ଉକ୍ତ ପଞ୍ଚାୟତର ଜଣେ ସରପଞ୍ଚ ପ୍ରାର୍ଥୀଙ୍କ ଅକାଳ ବିୟୋଗ ହୋଇଥିଲା। ଫଳରେ ଏଠାରେ ସରପଞ୍ଚ ନିର୍ବାଚନକୁ ସ୍ଥଗିତ ରଖାଯାଇଥିଲା । ଅନ୍ୟପଟେ ସରପଞ୍ଚ ନିର୍ବାଚନ ପାଇଁ ପୁନର୍ବାର ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଆଉ କେହି ନାମାଙ୍କନ ଦାଖଲ ନ କରିବାରୁ ୨ ପ୍ରାର୍ଥୀ ପ୍ରଫୁଲ୍ଲ କୁମାର ନାଏକ ଏବଂ ଦିପେଶ ପ୍ରଧାନଙ୍କ ନାମାଙ୍କନ କାଏମ ରହିଛି । ଉଭୟ ପ୍ରାର୍ଥୀ ଘର ଘର ବୁଲି ଭୋଟ୍ ଭିକ୍ଷା କରୁଥିବା ପରିଲକ୍ଷିତ ହୋଇଛି ।

## ୧୦ମ କୋଟ ସମଲାଇ ପ୍ରିମିୟର ଲିଗ କ୍ରିକେଟ ଉଦ୍‌ଘାଟିତ


କୋଟସମଲାଇ ପ୍ରିମିୟର ଲିଗ କ୍ରିକେଟର ଉଦ୍‌ଘାଟନୀ ଉତ୍ସବରେ ଅତିଥି ଓ ଖେଳାଳି ।

ଅମରପାଲି,୨୧ା୫(ଡି.ଏନ.ଏ.)

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଅନ୍ତର୍ଗତ କୋଟସମଲାଇ ଗ୍ରାମରେ ଶ୍ରୀଜଗନ୍ନାଥ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଶନିବାର ୧୦ମ କୋଟସମଲାଇ ପ୍ରିମିୟର ଲିଗ କ୍ରିକେଟ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଉତ୍ସବରେ ସ୍ଥାନୀୟ ସରପଞ୍ଚ ପ୍ରତିନିଧି ତଥା ପୂର୍ବତନ ସରପଞ୍ଚ ସତ୍ୟାନନ୍ଦ ମେଣ୍ଡିଲି ଓ ଗ୍ରାମର ଗଡତ୍ୟା ଚମରା ଅମାତ ଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ ବୈରାଗୀପାଲି ଓ ଖୁଣ୍ଟୁଲାପାଲି ମଧ୍ୟରେ ହୋଇଥିଲା। ଖୁଣ୍ଟୁଲାପାଲି ଟସ ଜିଣି ବୈରାଗୀପାଲିକୁ ବ୍ୟାଟିଂ ପାଇଁ ଆମନ୍ତ୍ରଣ କରିଥିଲା। ବୈରାଗୀପାଲି ଦଳ ନିର୍ଦ୍ଧାରିତ ୧୦ ଓଭରରେ ୫ଉଇକେଟ ହରାଇ ୭୪ ରନ କରିଥିଲା। ଜବାବରେ ଖୁଣ୍ଟୁଲାପାଲି ଦଳ ୮.୫ ଓଭରରେ ୫ ଉଇକେଟ ହରାଇ ୭୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଅପରାହ୍ନରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ଆୟୋଜକ କୋଟସମଲାଇ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ଉଇକେଟ ହରାଇ ୭୪ରନ କରିଥିଲା। ଦଳର ଶେଷଦେବ ବାରିକ ୧୨ ରନ କରିଥିଲେ। ଜବାବରେ ବାଘପାଲି ଦଳ ୭.୨ ଓଭରରେ ୩ ଉଇକେଟ ହରାଇ ୮୦ ରନ କରି ବିଜୟୀ ହୋଇଥିଲା। ଦଳର ସୀତାରାମ ସର୍ବାଧିକ ୩୨ ରନ କରିଥିଲେ। ପ୍ରଥମ ମ୍ୟାଚ ପାଇଁ ଖୁଣ୍ଟୁଲାପାଲିର ସୌରମ୍ୟ ଓ ଦ୍ୱିତୀୟ ମ୍ୟାଚ ପାଇଁ ବାଘପାଲିର ସୀତାରାମଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା। ମ୍ୟାଚଗୁଡ଼ିକରେ ବିଶ୍ୱନାଥ ବାରିକ,ତୁଷାର ବିଶି, ଅମରଜିତ ପଣ୍ଡା ଓ ସୁମିତ ଭୁକ୍ତା ଅମ୍ପାୟାର ଭାବେ ଖେଳ ପରିଚାଳନା କରିଥିଲେ। ନେହେରୁ ସେଠୀ ସ୍କୋରିଂ ଏବଂ ଧ୍ରୁବ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ।

**ଖୁଣ୍ଟୁଲାପାଲି,ବାଘପାଲି ବିଜୟୀ**

# ଯୁବାବସ୍ଥାରେ କିଶୋରଙ୍କ ଶିକୁଳି ବନ୍ଧା ଜୀବନ

ସୋନପୁର,୨୧ା୫(ନି.ପ୍ର.)


କିଶୋରଙ୍କ ହାତ ଓ ଗୋଡରେ ଲୁହା ଶିକୁଳି ବନ୍ଧା ଯାଇଛି ।

ସୁବର୍ଣ୍ଣପୁର ଜିଲା ସଦର ବ୍ଲକ ଖାରୀ ପଞ୍ଚାୟତ ଉପରଫବସି ଗ୍ରାମର କିଶୋର ବିନ୍ଧାଣୀ(୩୫)। ସେ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତି ଥିଲେ। କାମ ଧନ୍ଦା କରି ପରିବାରର ଗୁଜୁରାଣ ମେଣ୍ଟାଉଥିଲେ। ମାତ୍ର କିଶୋର ଏବେ ଶିକୁଳି ବନ୍ଧା ଜୀବନ ଜିଉଁଛନ୍ତି। ଦୀର୍ଘ ୭ ବର୍ଷ ହେଲା ତାଙ୍କ ହାତ ଓ ଗୋଡରେ ଲୁହା ଶିକୁଳି ବନ୍ଧା ହୋଇଛି। ମାନସିକ ଅସୁସ୍ଥତା କାରଣରୁ ସେ ଘରର ଚାରିକାନ୍ଥ ଭିତରେ ଆବଦ୍ଧ ହୋଇ ରହିଛନ୍ତି। ବୃଦ୍ଧା ମା, ସ୍ତ୍ରୀ ଓ ଦୁଇ ପୁଅଙ୍କୁ ନେଇ କିଶୋରଙ୍କ ହସଖୁସିର ସଂସାର ଚାଲିଥିଲା। ମା' ଓ ସ୍ତ୍ରୀ ପର ଘରେ କାମ କରୁଥିଲେ। ସେ କୁଲି ମଜୁରି କରି ବେଶ ଦି ପଇସା ରୋଜଗାର କରୁଥିଲେ। ଜମି ବାଡି ନ ଥିଲେ ବି ହସଖୁସିରେ ଚାଲିଥିଲା ଏହି ଶ୍ରମିକ ପରିବାରର ତେଲଲୁଣର ସଂସାର। କିନ୍ତୁ ୮ ବର୍ଷ ପୂର୍ବରୁ ପରିବାର ଉପରେ ବିପଦ ମାଡି ଆସିଲା। କିଶୋର ପାଲଟିଗଲେ ମାନସିକ ଅସୁସ୍ଥ ବ୍ୟକ୍ତି। ପରିବାର ଲୋକେ ଡାକ୍ତରଖାନାକୁ ନେଇ ଚିକିତ୍ସା କରାଇଲା ପରେ ସୁସ୍ଥ ହେଲେ। କିନ୍ତୁ କିଛି ମାସ ପରେ ପୁଣି ଆରମ୍ଭ ହେଲା ରୋଗ। ସେ ବୁଝିବା ଶକ୍ତି ହରାଇ ଲୋକଙ୍କୁ ଗାଳିଗୁଲଜ କରିବା ସହ ମାଡ ମାରିବା ଆରମ୍ଭ କରିଦେଲେ। ପରିବାର ଲୋକ ବି ଏଥିରୁ ବାଦ୍ ପଡିଲେନି। ତାଙ୍କର ଆଚରଣ ଏଭଳି ହିଂସ୍ର ହେଲା ଯେ ତାଙ୍କ ହାତ-ଗୋଡରେ ବେଡି ପକାଇ ରଖିବାକୁ ପଡିଲା। ବିଧବା ମା ଭୂମିସୁତା(୬୦), ସ୍ତ୍ରୀ କୁମୁଦିନୀ(୨୬), ଦୁଇ ପୁଅ ହିରୋ(୮) ଓ ଅମିତ(୬)ଙ୍କୁ ନେଇ କିଶୋରଙ୍କ ଛୋଟ ସଂସାର। ବର୍ଷକ ପୂର୍ବରୁ ତାଙ୍କ ବାପା ଦାମୋଦରଙ୍କ ମୃତ୍ୟୁ ହୋଇଛି। ଏପଟେ ସ୍ତ୍ରୀ କୁମୁଦିନୀଙ୍କ ଦେହରେ ଅପସ୍ମାର ରୋଗ। ହାତ ଓ ଗୋଡ ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି। ତେଣୁ ସେ ଆଉ କାମ କରି ପାରୁନାହାନ୍ତି। ନିୟମିତ ଔଷଧ ଖାଉଛନ୍ତି। ଏଭଳି ସ୍ଥିତିରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ମାସିକ ୧୫ କିଲୋ ଚାଉଳ ଓ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନାରେ ମାସିକ ମାଗଣା ୧୫ କିଲୋ ଚାଉଳ ପରିବାର ପାଇଁ ସାହାରା ପାଲଟିଛି। ବୃଦ୍ଧା ଭୂମିସୁତା ପରିଣତ ବୟସରେ ପର ଘରେ ମୂଲ ଲାଗି ବୋହୂ, ପୁଅ ଓ ଦୁଇ ନାତିଙ୍କ ପାଇଁ ଖାଦ୍ୟ ଯୋଗାଡ କରୁଛନ୍ତି। କିନ୍ତୁ ବିଭିନ୍ନ କାରଣରୁ ସବୁବେଳେ ସେ କାମକୁ ଯାଇ ପାରୁନାହାନ୍ତି। ଏପଟେ ପୁଅ ପାଇଁ ମାସିକ ଔଷଧ ଖର୍ଚ୍ଚ ୪ ହଜାର ଟଙ୍କାରୁ ଅଧିକ। ତେଣୁ ସବୁବେଳେ ଔଷଧ କିଣିବା ସମ୍ଭବପର ହେଉନି। ଫଳରେ ଏହି ପରିବାର ଭାଗ୍ୟକୁ ଆଦରି ପଡି ରହିଛନ୍ତି। ଏହି ପରିବାରକୁ ସରକାରଙ୍କ ପକ୍ଷରୁ ଭତ୍ତା, ମାଗଣା ଚିକିତ୍ସା କିମ୍ବା ଅନ୍ୟ କୌଣସି ସହାୟତା ମିଳିନି। ଏ ସମ୍ପର୍କରେ ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡଙ୍ଗୀ କୁହନ୍ତି ଏହି ପରିବାରକୁ ସାମାଜିକ ସୁରକ୍ଷା ଯୋଜନାରେ ସାମିଲ ସହ ଭତ୍ତା ପ୍ରଦାନ ପାଇଁ ବ୍ୟବସ୍ଥା କରାଯାଉଛି। ସେହିପରି ପରିବାରବର୍ଗ ରାଜି ହେଲେ କିଶୋରଙ୍କୁ ଉପଯୁକ୍ତ ଚିକିତ୍ସା ପାଇଁ ଝାରସୁଗୁଡା ପଠାଯିବ ବୋଲି କହିଛନ୍ତି।

**ଜିଲା ପ୍ରଶାସନର ଦୃଷ୍ଟି ନାହିଁ**

ଧରିତ୍ରୀ
DHARITRI
ସମ୍ବଲପୁର, ରବିବାର, ୨୨ ମେ, ୨୦୨୨

## ବାଇକ୍ ଧକ୍କାରେ ସାଇକେଲ ଆରୋହୀ ମୃତ

ଲୋଇସିଂହା,(ଡି.ଏନ.ଏ.):ବଲାଙ୍ଗୀର ଜିଲା ଲୋଇସିଂହା ଥାନା ବଲାଙ୍ଗୀର-ବରଗଡ଼ ୨୬ ନଂ ଜାତୀୟ ରାଜପଥ ବୁର୍ଡ଼ା ଲାଇନଜୁରୀଠାରେ ବାଇକ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ଶନିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ସେ ହେଲେ ବୁର୍ଡ଼ା ର ଲାଜାର ତାଣ୍ଡି (୪୦)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅପରକ୍ଷେ ଦୁର୍ଘଟଣାରେ ଗୁରୁତର ବାଇକ୍ ଆରୋହୀ ଅର୍ଡ଼ା ଗ୍ରାମର ନିରଞ୍ଜନ ମହାକୁରଙ୍କୁ ବଲାଙ୍ଗୀର ସ୍ଥାନାନ୍ତରିତ କରାଯାଇଛି। ସୂଚନା ମତେ ଲାଜାର କୌଣସି କାମରେ ଲୋଇସିଂହା ଯାଇ ଘରକୁ ଫେରୁଥିବାବେଳେ ବାଟରେ ଲାଇନଜୁରୀଠାରେ ତାଙ୍କୁ ପଛପଟୁ ବାଇକ ଧକ୍କା ଦେଇଥିଲା।



## ସଂକ୍ଷେପରେ

### ଡ୍ୟୁଟି ସାରି ଘରକୁ ଫେରିବା ପରେ ଚାଲି ପଡିଲେ ହୋମଗାର୍ଡ

**ଅଂଶୁଘାତ ଅଭିଯୋଗ ଆଣିଲେ ପରିବାର ଲୋକେ**

ଲୋଇସିଂହା,୨୧।୫(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ଡୁମେରପାଲି ଗାଁର ହୋମଗାର୍ଡ ଦେବରାଜ ବାଗ(୫୭)ଙ୍କ ଶନିବାର ମୃତ୍ୟୁ ଘଟିଛି। ଡ୍ୟୁଟି ସାରି ସେ ଘରକୁ ଫେରିବା ପରେ ଅସୁସ୍ଥ ହୋଇ ପଡିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଲୋଇସିଂହା ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାଲେଭଟା ଫାଣ୍ଡିରେ କାର୍ଯ୍ୟରତ ଦେବରାଜ ଲୋୟର ସୁକତେଲ ପ୍ରକଳ୍ପ ଡ୍ୟୁଟିରେ ନିୟୋଜିତ ଥିଲେ। ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଦେବରାଜଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଗତ ୧୭ ତାରିଖଠାରୁ ଲୋୟର ସୁକତେଲ ପ୍ରକଳ୍ପକୁ ସେ ନିୟମିତ ସକାଳୁ ଡ୍ୟୁଟିରେ ଯାଇ ଅପରାହ୍ନରେ ୫୦କିମି ଦୂର ଘରକୁ ଫେରୁଥିଲେ। ଶନିବାର କାମ ସାରି ଅପରାହ୍ନରେ ଘରକୁ ପ୍ରବଳ ଗୀଷ୍ମରେ ଫେରିଥିଲେ। ଘରେ ପହଞ୍ଚିବା ପରେ ତାଙ୍କ ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥିବା ତାଙ୍କ ପରିବାର ଲୋକେ କହିଛନ୍ତି। ଦେବରାଜ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଥିଲେ। ଦେବରାଜଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ , ଝିଅପୁଅ ଅସହାୟ ହୋଇ ପଡିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ପରିବାରକୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ଅଂଶୁଘାତରେ ଦେବରାଜଙ୍କ ମୃତ୍ୟୁ ଘଟିଥିବା ତାଙ୍କ ପରିବାର ଲୋକେ ଆଶଙ୍କା କରିଥିବା ଆଇଆଇସି ସଂଗ୍ରାମ ପଟ୍ଟନାୟକ କହିଛନ୍ତି।

### ସ୍ୱାଗତ ସମ୍ବର୍ଦ୍ଧନା, ପୁରସ୍କାର ବିତରଣ ଉତ୍ସବ

ଲୋଇସିଂହା,୨୧।୫(ଡି.ଏନ.ଏ): ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ହରିହର ନୋଡାଲ ଉଚ୍ଚ ବିଦ୍ୟାଳୟରେ ନବଗାତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନ ଓ ପୁରସ୍କାର ବିତରଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅଶୋକ କୁମାର ତ୍ରିପାଠୀ ସଭାରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ପରିଚାଳନା କମିଟି ସମିତି ସଭାପତି ସୁରେନ୍ଦ୍ର ସା, ଉପସଭାପତି ସୁବାସିନୀ ଭୋଇ, ନକୁଳ ପଧାନ ଅତିଥି ଭାବେ ଯୋଗଦେଇଥିଲେ। ଅତିଥି ଏବଂ ଶିକ୍ଷକମାନେ ସ୍କୁଲର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ପରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମାଟ୍ରିକ ବୋର୍ଡ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ୨୦୨୦ ଶିକ୍ଷାବର୍ଷ ପାଇଁ ଦୀପକ ପଧାନ, ୨୦୨୧ ବର୍ଷ ପାଇଁ ପ୍ରତିରେଖ ସା ପୁରସ୍କୃତ ହୋଇଥିଲେ। ସେହିପରି ଅବସରପ୍ରାପ୍ତ ଶିକ୍ଷକ ସମାରୁ ପ୍ରଧାନଙ୍କ ଦ୍ୱାରା ପ୍ରଦତ୍ତ ମାଟ୍ରିକ ପରୀକ୍ଷା ସଂସ୍କୃତରେ ସର୍ବୋଚ୍ଚ ନମ୍ବର ରଖିଥିବା ୨୦୨୦ ବର୍ଷରେ ପ୍ରିୟଙ୍କା ତ୍ରିପାଠୀ ଓ ୨୦୨୧ ପାଇଁ ସୃଜନୀ ନନ୍ଦଙ୍କୁ ସଂସ୍କୃତ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ରାଜକିଶୋର ମେମୋରିଆଲ ୨୦୨୦ଚ୍ପାଇଁ ପିୟୁଷ ତ୍ରିପାଠୀ ଓ ୨୦୨୧ ପାଇଁ ସାମନ୍ତ କୁମ୍ଭାରଙ୍କୁ ପ୍ରଦାନ କରାଯାଇଥିଲା। ପ୍ରବନ୍ଧ ଲିଖନ, କୁଇଜ, ବିଜ୍ଞାନ, ଚିତ୍ରାଙ୍କନ ଓ ସ୍ଲୋଗାନ ପଠନରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀ ଶିଖା ମହାନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଲତିଫ୍ ଅନ୍‌ସାରୀ ହତ୍ୟା ଘଟଣାର ପର୍ଦ୍ଦାଫାଶ

**୪ ମାସ ପରେ ରାଞ୍ଚିରୁ ୩ ଅଭିଯୁକ୍ତ ଗିରଫ**

କଣ୍ଟାବାଞ୍ଜି, ୨୧।୫ (ଡି.ଏନ.ଏ.)

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ପୋଲିସ ଥାନା ଅନ୍ତର୍ଗତ ଦାବିରି ରେଳଲାଇନ କଡରେ ରେଲୱେ ଠିକା କର୍ମଚାରୀ ଲତିଫ୍ ଅନସାରୀ (୨୫)ଙ୍କୁ ତାଙ୍କ ସହଯୋଗୀମାନେ ହତ୍ୟା କରି ପୋତି ଦେଇଥିଲେ। ଏହି ଘଟଣାର ୩ଅଭିଯୁକ୍ତଙ୍କୁ କଣ୍ଟାବାଞ୍ଜି ପୋଲିସ ଝାରଖଣ୍ଡରୁ ଗିରଫ କରିଥିବା ଶନିବାର ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଇଛି।

ଗତ ୨୦୨୦ ନଭେମ୍ବର ମାସରେ ଲତିଫ ଅନସାରୀ ନାମକ ଜଣେ ଯୁବକ କଣ୍ଟାବାଞ୍ଜିରୁ ନିଖୋଜ ହୋଇଥିବା ନେଇ ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଅଭିଯୋଗ ଉପରେ କଣ୍ଟାବାଞ୍ଜି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଅନୁସନ୍ଧାନରୁ ଗତ ଜାନୁୟାରୀ ମାସରେ ଏହି ଥାନା ଅନ୍ତର୍ଗତ ଦାବରି ଗାଁ ନିକଟ ରେଲ ଲାଇନ କଡ ଏକ ଜମିରୁ ନରକଙ୍କାଳ ଉଦ୍ଧାର ହୋଇଥିଲା। ଅଧିକ ଛାନଭିନ ପରେ ଅଭିଯୁକ୍ତମାନେ ଲତିଫଙ୍କୁ ହତ୍ୟା କରି ଉକ୍ତ ଜମିରେ ପୋତି ଦେଇ ଫେରାର ହୋଇଯାଇଥିଲେ। ଝାରଖଣ୍ଡ ରାଜ୍ୟ ରାଞ୍ଚି ଜିଲା ମନ୍ଦରା ଥାନା ସକ୍ରା ଗାଁର ଲତିଫ ଅନସାରି ସେହି ଗାଁର ଅନ୍ୟମାନଙ୍କ ସହ ରେଲୱେର ଠିକାକାମ କରିବା ପାଇଁ କଣ୍ଟାବାଞ୍ଜି ଆସିଥିଲେ। କୌଣସି କାରଣରୁ ଗଣ୍ଡଗୋଳ ଘଟିବାରୁ ତାଙ୍କ ସାଥୀ ଶ୍ରମିକମାନେ ତାଙ୍କୁ ହତ୍ୟା କରି ମାଟି ତଳେ ପୋତି ଦେଇଥିଲେ। ଏହି ହତ୍ୟା ଘଟଣା ଉପରେ ପୋଲିସ ଅଧିକ ଛାନ୍‌ଭିନ୍ କରିବା ପରେ ଅଭିଯୁକ୍ତ ସହନୱାଜ (୨୪), ଆଫ୍ରୋଜ ଅନସାରି (୨୧) ଓ ସଇଦ ଅନସାରି (୨୨)ଙ୍କୁ ଗିରଫ କରିଛି। ଏହି ଅଭିଯୁକ୍ତମାନେ ମିଳିତ ଭାବେ ଲତିଫ୍‌ଙ୍କୁ ଶାବଳ, ଛୁରି, ରଫା ଓ ରଡରେ ମାଡମାରି ହତ୍ୟା ପରେ ପୋତି ଦେଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପରେ ଶନିବାର କୋର୍ଟଚାଲଣ କରାଯାଇଥିଲା। ଜାମିନ୍ ନାମଞ୍ଜୁର ହେବାରୁ ତିନି ଅଭିଯୁକ୍ତଙ୍କୁ କଣ୍ଟାବାଞ୍ଜି ସବ୍‌ଜେଲକୁ ପଠାଇ ଦିଆଯାଇଥିବା ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ କଣ୍ଟାବାଞ୍ଜି ଏସ୍‌ଡିପିଓ ଡ. ହୃଷୀକେଶ ମେହେର, ଥାନା ଆଇଆଇସି ସତ୍ୟଜିତ କନ୍ଦନକେଲ, ସବ୍‌ଇନ୍ସପେକ୍ଟର ସୌମ୍ୟକିଶୋର ବାରିକ, ସବ୍‌ଇନ୍ସପେକ୍ଟର ଧର୍ମରାଜ ପଟେଲ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ କଣ୍ଟାବାଞ୍ଜି ଏସଡିପିଓ ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ଦେଉଛନ୍ତି।

# ଆଦିବାସୀ ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକଙ୍କ ଅସଦାଚରଣ

- ହଷ୍ଟେଲ ଛାଡ଼ି ଯାଉଥିବାବେଳେ ଅଟକାଇଲେ ଗ୍ରାମବାସୀ
- ପ୍ରଶାସନର ତଦନ୍ତ ଆରମ୍ଭ

ଭବାନୀପାଟଣା,୨୧।୫(ସ୍ୱ.ପ୍ର.)

ପୁଣି ଗୁରୁ ଶିଷ୍ୟ ପବିତ୍ର ସମ୍ପର୍କରେ ଲାଗିଛି କଳଙ୍କର ଛିଟା। ଛାତ୍ରୀମାନଙ୍କୁ ପ୍ରଧାନ ଶିକ୍ଷକଙ୍କ ଅସଦାଚରଣ ଭଳି ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି କଳାହାଣ୍ଡି ଜିଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଥୁଆମୂଳ ରାମପୁର ବ୍ଲକରେ। ଏହି ବ୍ଲକର ଆଦିବାସୀ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସର ୬ଜଣ ଛାତ୍ରୀ ଆଣିଛନ୍ତି ଏଭଳି ଅଭିଯୋଗ। ଏଠାରେ ରହୁଥିବା ଛାତ୍ରୀମାନଙ୍କୁ ପ୍ରଧାନ ଶିକ୍ଷକ ଅସଦାଚରଣ କରୁଥିବା ଓ ନିଜ ବାପା ମା'ଙ୍କୁ ଛାତ୍ରୀମାନେ ଜଣାଇଲେ ସାର୍ଟିଫିକେଟ ଦେଇ ବହିଷ୍କାର କରିଦେବାକୁ ଧମକ ଦେଉଥିବା ଅଭିଯୋଗ ଆଣିଛନ୍ତି। ଫଳରେ ୬ଜଣ ଛାତ୍ରୀ ଭୟରେ କାନ୍ଦି କାନ୍ଦି ହଷ୍ଟେଲ ଛାଡି ଚାଲିଯାଉଥିବା ଦେଖି ଗ୍ରାମବାସୀ ଅଟକାଇ ଘଟଣା ବିଷୟରେ ଜାଣିବାକୁ ଚାହିଁଥିଲେ। ପରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୋମେଶ୍ୱର ବେହେରା ପହଞ୍ଚି ଛାତ୍ରୀମାନଙ୍କୁ ସୁରକ୍ଷା ସ୍ୱରୂପ ଗ୍ରାମର ଓଏଲଏମ ଗୃହରେ ରଖି ବିଦ୍ୟାଳୟରେ ପ୍ରଦତ୍ତ ଗଣଶିକ୍ଷା ବିଭାଗ ଟୋଲ ଫ୍ରି ନମ୍ବରରେ ଅଭିଯୋଗ ଜଣାଇଥିବା ପ୍ରକାଶ କରିଛନ୍ତି। ଏଭଳି ଅଭିଯୋଗ ପରେ ସ୍ଥାନୀୟ ବ୍ଲକ ସମ୍ପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା ଓ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ବିଜୟ କୁମାର ବେହୁରା ପହଞ୍ଚି ଅଭିଯୋଗ କାରୀ ଛାତ୍ରୀମାନଙ୍କଠାରୁ ଘଟଣା ସମ୍ପର୍କରେ ବୁଝିଥିଲେ। ୬ଜଣ ଛାତ୍ରୀ ଏସବୁ ଅଭିଯୋଗ ନେଇ ପ୍ରଶାସନକୁ ଲିଖିତ ଜଣାଇବା ପରେ ଛାତ୍ରୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ତୁରନ୍ତ ଅଭିଯୁକ୍ତ ପ୍ରଧାନ ଶିକ୍ଷକଙ୍କୁ ଦାୟିତ୍ୱରୁ ହଟାଇ ଶିକ୍ଷୟିତ୍ରୀ ଆହ୍ଲାଦିନୀ ମଣି ବାଗଙ୍କୁ ଦିଆଯାଇଥିବା ସୂଚନା ଦିଆଯାଇଛି। ସୂଚନା ପାଇ ଥୁଆମୂଳ ରାମପୁର ଥାନା ଅଧିକାରୀ ଗୋବିନ୍ଦ ମାଝି ଓ ବିଡିଓ ଶୁଭକାନ୍ତ ନାଏକ ବିଦ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହାପରେ ଜିଲା ମଙ୍ଗଳ ଅଧିକାରୀ ଓ ଜିଲା ଚାଇଲ୍ଡ ହେଲ୍ପ ଲାଇନ ବିଭାଗ ପହଞ୍ଚି ଛାତ୍ରୀମାନଙ୍କ ଅଭିଯୋଗ ଶୁଣିଥିଲେ। ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ପଚରାଉଚରା ପାଇଁ ଥାନାରେ ଅଟକ ରଖିଛି ପୋଲିସ। ତେବେ ତଦନ୍ତ ପରେ ହିଁ ପ୍ରକୃତ ରହସ୍ୟ ପଦାକୁ ଆସିବ ଓ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ତଦନ୍ତ କରୁଥିବା ଅଧିକାରୀଙ୍କଠୁ ଜଣାପଡ଼ିଛି। ଛାତ୍ରୀମାନଙ୍କ ଅଭିଯୋଗ ଅନୁସାରେ ହଷ୍ଟେଲକୁ କେବଳ ମହିଳା ୱାଡେନ ହିଁ ଯାଇପାରିବେ। କିନ୍ତୁ ପ୍ରଧାନ ଶିକ୍ଷକ ବିନା ଅନୁମତିରେ ପ୍ରବେଶ କରି ଛାତ୍ରୀମାନଙ୍କୁ ଅସଦାଚରଣ କରୁଥିବା ଅଭିଯୋଗ ହୋଇଛି। ଏପରିକି ଛାତ୍ରୀମାନେ ଗାଧୋଉ ଥିବା ଓ ଡ୍ରେସ ବଦଳାଉ ଥିବା ବେଳେ ପ୍ରଧାନ ଶିକ୍ଷକ ଲୁଚି ଦେଖିବା ଅଭିଯୋଗ କରିଛନ୍ତି।

# ବହୁ ପ୍ରତୀକ୍ଷିତ କେସିଙ୍ଗା ୨୨୦/୧୩୨ କେ.ଭି. ବିଦ୍ୟୁତ୍ ଲୋକାର୍ପିତ

କେସିଙ୍ଗା,୨୧।୫(ଡି.ଏନ.ଏ.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ୪୫୦ କୋଟି ଟଙ୍କାର ଓଡ଼ିଶାର ୭ଟି ଉଚ୍ଚସମ୍ପନ୍ନ ଗ୍ରୀଡ଼ ସବଷ୍ଟେସନ ଲୋକାର୍ପଣ କରିଥିବା ବେଳେ କଳାହାଣ୍ଡି ଜିଲା କେସିଙ୍ଗାଠାରେ ନବନିର୍ମିତ ବହୁ ପ୍ରତୀକ୍ଷିତ ୨୨୦/୧୩୨ କେ.ଭି. ଗ୍ରୀଡ଼ ସବଷ୍ଟେଶନ ଓ ବଲାଙ୍ଗୀର କେସିଙ୍ଗା ଡିସି ଲାଇନକୁ ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ ସନ୍ଧ୍ୟା ସାଢ଼େ ୫ଟାରେ ଲୋକାର୍ପଣ କରିଛନ୍ତି। ଏଥିପାଇଁ କେସିଙ୍ଗା ଗ୍ରୀଡ଼ ସବଷ୍ଟେଶନଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ଗୃହ ଓ ଶକ୍ତିମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ର, ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, କଳାହାଣ୍ଡି ଜିଲାପାଳ ଡ଼ ଗାଭିଲ ପରାଗ ହର୍ଷଦ, ବଲାଙ୍ଗୀର ଜିଲାପାଳ ଚଞ୍ଚଳ ରଣା, ଓପିଟିସିଏଲ ନିର୍ଦ୍ଦେଶକ ଉପେନ୍ଦ୍ର କୁମାର ପତି, କଳାହାଣ୍ଡି ଏସ୍‌ପି ଅଭିଳାଷ ଜି ପ୍ରମୁଖ ମଞ୍ଚାସୀନ ଥିଲେ। କଳାହାଣ୍ଡି ଓ ବଲାଙ୍ଗୀର ଓ ନୂଆଁପଡା ଜିଲା ବିଦ୍ୟୁତ୍ ଉପଭୋକ୍ତା ଉପକୃତ ହେବେ। ୨୦୧୪ରେ ଆରମ୍ଭ ହୋଇଥିବା ଗ୍ରୀଡ଼ ସବଷ୍ଟେଶନ ୨ ବର୍ଷ ମଧ୍ୟରେ ଶେଷ ହୋଇ ସରକାର ଲୋକଙ୍କ ପାଇଁ ଉତ୍ସର୍ଗୀତ କରିବା କାର୍ଯ୍ୟକ୍ରମ ଥିଲା। ହେଲେ ଠିକା ସଂସ୍ଥାର ମନମୁଖୀ କାର୍ଯ୍ୟ ପାଇଁ ଦୀର୍ଘ ୮ବର୍ଷ ଅପେକ୍ଷା କରିବାକୁ ପଡିଛି। ସେଥିପାଇଁ ସରକାରଙ୍କୁ ଅତିରିକ୍ତ ଖର୍ଚ୍ଚ ବହନ କରିବାକୁ ପଡିଥିଲା। ଶେଷରେ କେସିଙ୍ଗା ଗ୍ରୀଡ଼ ସବଷ୍ଟେଶନ ଓ ବଲାଙ୍ଗୀର ଡିସି ୧୧୦ କୋଟି ଟଙ୍କାରେ ନିର୍ମିତ ଏହି ଗ୍ରୀଡ଼ ସବଷ୍ଟେଶନ ମୁଖ୍ୟମନ୍ତ୍ରୀ ଲୋକାର୍ପଣ କରିଛନ୍ତି। ପ୍ରଥମେ ଥେରୁବାଲିରୁ କେସିଙ୍ଗା ଗ୍ରୀଡ଼କୁ ୧୩୨ କେ.ଭି. ଲାଇନ ସଂଯୋଗ ହୋଇଆସୁଥିଲା। ଫଳରେ ଟିକିଏ ବର୍ଷା କିମ୍ବା ପବନ ହେଲେ ବିଦ୍ୟୁତ୍ ସରବରାହରେ ଅନେକ ଅସୁବିଧା ହେଉଥିଲା।



ଲୋକାର୍ପଣ କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

## ପୋଲିସ ହାତରେ ଧରାପଡ଼ିଲେ ବାଇକ୍ ଚୋର

ଜୁନାଗଡ଼,୨୧।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ବଣ୍ଡାକୁତ୍ରା ଗ୍ରାମରୁ ବାଇକ୍ ଚୋରି ଅଭିଯୋଗରେ ସ୍ଥାନୀୟ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଧର୍ମଗଡ଼ ଥାନା ଅନ୍ତର୍ଗତ ସରଧାପୁର ଗ୍ରାମର ନାଗେଶ୍ୱର ବିହାରୀ (୨୦)। ଗତ ୫ ତାରିଖ ରାତିରେ ଜୁନାଗଡ଼ ଥାନା ବଣ୍ଡାକୁତ୍ରା ଗ୍ରାମର ବସନ୍ତ ପାନ ବାଇକ୍ (ନଂ.ଓ୦୮ଜେ-୪୯୨୩)ରେ ଗ୍ରାମର ଏକ ବିବାହ ଉତ୍ସବରେ ଯୋଗଦେବା ପାଇଁ ଯାଇଥିଲେ। ସେଠାରେ ସେ ବାଇକ୍ ରଖି ଭିତରକୁ ଯାଇଥିବା ବେଳେ ଚୋରି ହୋଇଥିଲା। ଏ ନେଇ ବସନ୍ତ ଜୁନାଗଡ଼ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୨୦୮/୨୨) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

## ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ସମ୍ପର୍କିତ ତାଲିମ

ଲାଞ୍ଜିଗଡ,୨୧।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ଲାଞ୍ଜିଗଡ଼ ରୋଡ଼ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ କ୍ଲଷ୍ଟରସ୍ତରୀୟ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଲାଞ୍ଜିଗଡରୋଡ଼, ମସ୍କାଗୁଡା, ଗୋବର୍ଦ୍ଧନପୁର ଓ ଭଟାଙ୍ଗପଦର କ୍ଲଷ୍ଟରର ୬୨ଜଣ ଶିକ୍ଷକଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଲାଞ୍ଜିଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦ୍ମଲୋଚନ ସୁନା ଓ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ସାହୁ ଯୋଗଦେଇଥିଲେ। ଜିଲା ସାଧନ କର୍ମୀ ଜିତେନ୍ଦ୍ର କୁମାର ବିଶ୍ୱାଳ ଓ ଗୋବର୍ଦ୍ଧନପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ତପନ କୁମାର ଭୋଇ ପରିଚାଳନା କରିଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ର କିପରି ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତା ହାସଲ କରିବେ ସେ ସମ୍ପର୍କରେ ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଆଞ୍ଚଳିକ ସାଧନ କର୍ମୀ ପ୍ରକାଶ ଚନ୍ଦ୍ର ପ୍ରଧାନ, ଭାରତ ଭୂଷଣ ସାହୁ , ଏମ୍. ସୁନ୍ଦର ଶେଖର, ଗୁରୁ ଗୋବିନ୍ଦ ମହାନ୍ତି ସହଯୋଗ କରିଥିଲେ।

# ଉନ୍ନୟନମୂଳକ କାମର ସମୀକ୍ଷା କଲେ ବିଧାୟକ


ବିଧାୟକ ଉନ୍ନୟନ କାମର ତଦନ୍ତ କରୁଛନ୍ତି।

ଲାଞ୍ଜିଗଡ଼,୨୧।୫(ଡି.ଏନ.ଏ.)

**ଯୋଗ ଦେଲେନି ଡିଏଫଓ, ରେଞ୍ଜର**

କଳାହାଣ୍ଡି ଜିଲା ଲାଞ୍ଜିଗଡ଼ ବ୍ଲକ ରାବଣଧାର ଜଳପ୍ରପାତଠାରେ ଶନିବାର ସ୍ଥାନୀୟ ବିଧାୟକ ପ୍ରଦିପ କୁମାର ଦିଶାରୀ ଏକ ବୈଠକରେ ସମସ୍ତ ଉନ୍ନୟନ ମୂଳକ କାମର ସମୀକ୍ଷା କରିଥିଲେ। କଳାହାଣ୍ଡିର ଶୋଭାବର୍ଦ୍ଧନ କରୁଛି ଭଟାଙ୍ଗପଦରସ୍ଥିତ ରାବଣଧାର ଜଳପ୍ରପାତ। ଜଳପ୍ରପାତର ଉନ୍ନୟନ କାମ ପାଇଁ ଆଇଏପି, ବିଧାୟକ ପାଣ୍ଠି, ପଶ୍ଚିମ ଓଡିଶା ବିକାଶ ପରିଷଦ ଭଳି ବିଭିନ୍ନ ପାଣ୍ଠିରୁ ଜଳପ୍ରପାତର ସୌନ୍ଦର୍ଯ୍ୟ କରଣ କରାଯାଉଛି। ବର୍ତ୍ତମାନ ଲାଞ୍ଜିଗଡ ବିଧାୟକ ତଥା ଡବ୍ଲୁଡିସି ସଦସ୍ୟ ପ୍ରଦୀପ କୁମାର ଦିଶାରୀ ଡବ୍ଲୁଡିସି ଫଣ୍ଡରୁ ରାବଣଧାରାର ସୌନ୍ଦର୍ଯ୍ୟ କରଣ ପାଇଁ ୩୦ ଲକ୍ଷ ଟଙ୍କା ପାଣ୍ଠି ଯୋଗାଇ ଦେଇଛନ୍ତି। ଏହି ଅର୍ଥରେ ପର୍ଯ୍ୟଟକଙ୍କ ପାଇଁ ଶୌଚାଳୟ ଓ ସୌନ୍ଦର୍ଯ୍ୟକରଣ କାମ ଚାଲିଥିବା ବେଳେ ବିଧାୟକ ପାଣ୍ଠିରୁ ୫ ଲକ୍ଷ ଟଙ୍କାରେ ଏକ ଶିଶୁ ଉଦ୍ୟାନ ନିର୍ମାଣ କରାଯାଇଛି। ଏହାକୁ ନେଇ ବିଧାୟକ ସମୀକ୍ଷା କରିଥିଲେ। ସମୀକ୍ଷା ବୈଠକରେ କଳାହାଣ୍ଡି ଉତ୍ତର ବନଖଣ୍ଡ ଡିଏଫଓ ଲାଡେ ଗଜାନନ ଦୟାନନ୍ଦ ଓ ରେଞ୍ଜର ପଦ୍ମନାଭ କୁମାର ଅନୁପସ୍ଥିତ ରହିଥିବାରୁ ବିଧାୟକ ଅସନ୍ତୋଷ ପ୍ରକାଶ କରିଥିଲେ। କେବଳ ୨ଜଣ ଫରେଷ୍ଟ ଗାର୍ଡ ଓ ଜଣେ ଫରେଷ୍ଟରଙ୍କୁ ସମୀକ୍ଷା ବୈଠକକୁ ପଠାଇ ଦେଇ ନିଜେ ଅନୁପସ୍ଥିତ ଥିଲେ। ପର୍ଯ୍ୟଟକଙ୍କ ରହିବା ପାଇଁ ୪ଟି କୁଟିର ଓ ସୌନ୍ଦର୍ଯ୍ୟକରଣ ପାଇଁ ୧ କୋଟି ଟଙ୍କା ବିନିମୟରେ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ବିଧାୟକ ଏହି କାର୍ଯ୍ୟର ତଦାରଖ କରିଥିଲେ। ଏହି ଗସ୍ତରେ ଭଟାଙ୍ଗପଦରଠାରେ ସ୍ୱାଗତ କରିଥିଲେ। ଭଟାଙ୍ଗପଦର ସମିତିସଭ୍ୟ ରୁପେନ୍ଦ୍ର ଛତ୍ରିଆ, ସାମାଜିକ କର୍ମୀ ରୁଦ୍ରରାଜ ମାଝି, ଶିବରାମ ପାତ୍ର, ବିଜେଡି ଜିଲା ଯୁବ ସମ୍ପାଦକ ଆଶୁତୋଷ ପୁରୋହିତ ପ୍ରମୁଖ ଉପସ୍ଥିତ ଥିଲେ। ରାବଣଧାରା ବନସୁରକ୍ଷା ସମିତି କର୍ମକର୍ତ୍ତା ଓ ସଦସ୍ୟମାନେ ରାବଣଧାରା ଜଳପ୍ରପାତର ସମସ୍ୟା ଉପରେ ବିଧାୟକଙ୍କ ସହିତ ଆଲୋଚନା କରିଥିଲେ।

# ଏନ୍‌ପିଏସ୍ ଶିକ୍ଷକ, କର୍ମଚାରୀ ସଂଘର ବୈଠକ



ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

କୋକସରା,୨୧।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା କୋକସରା ବ୍ଲକ ଇନ୍ଦ୍ରାବତୀ ସରକାରୀ ଉଚ୍ଚ ବିଦ୍ୟାଳୟ ଡଙ୍ଗରୀଗୁଡାଠାରେ ପୁରଣା ପେନସନ୍ ଯୋଜନା (ଏନ୍‌ଏମ୍‌ଓପିଏସ) ରାଜ୍ୟ ସଙ୍ଗଠନ ଡାକରାରେ ଶନିବାର କୋକସରା ବ୍ଲକ ଏନପିଏସ୍ ଶିକ୍ଷକ ଓ କର୍ମଚାରୀ ସଂଘର ସାଧାରଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରଣା ପେନସନ୍ ଯୋଜନା (ଏନ୍‌ଏମ୍‌ଓପିଏସ୍) ଅନ୍ତର୍ଭୁକ୍ତ ଶିକ୍ଷକ ସଂଘ ଜିଲା ସଭାପତି ସାମନ୍ତ କୁମାର ପାଟଯୋଷୀଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଜିଲା ସମ୍ପାଦକ ଗିରୀଜା ଶଙ୍କର ସାହୁ, ଜିଲା ସହ ସମ୍ପାଦକ ସୂର୍ଯ୍ୟ ପ୍ରସାଦ ଠାକୁର, ଜିଲା ଆବାହକ ସରୋଜ କୁମାର ସାହୁ, ମଳୟ କୁମାର କରୁଆଁ, ବ୍ଲକ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ କୁମାର ପାଢୀ, ପଟାଙ୍ଗି ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ କୁରୁକ୍ଷେତ୍ର ଏନାକ ପ୍ରମୁଖ ମଞ୍ଚାସୀନ ଥିଲେ। ବୈଠକରେ ରାଜ୍ୟ ସରକାର ଯେଉଁ ନୂତନ ପେନ୍‌ସନ୍ ଯୋଜନା (ଏନ୍‌ପିଏସ୍) କାର୍ଯ୍ୟକାରୀ କରିଛନ୍ତି, ତାହାକୁ ଉଚ୍ଛେଦ କରି ପୁରୁଣା ପେନସନ ଯୋଜନା ଲାଗୁ ପାଇଁ ଦାବି ହୋଇଥିଲା। ଏହି ଅବସରରେ ଏନ୍‌ଏମ୍‌ଓପିଏସ୍ ରାଜ୍ୟ ସଙ୍ଗଠନ ଡାକରାରେ ପ୍ରତ୍ୟେକ ଜିଲା ଓ ବ୍ଲକସ୍ତରରେ ସଙ୍ଗଠନ ଗଠନ କରିବା ପାଇଁ ନିଷ୍ପତ୍ତି ଅନୁସାରେ ୯ଟି ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀଙ୍କୁ ନେଇ କୋକସରା ବ୍ଲକସ୍ତରୀୟ ସଂଘ ଗଠନ କରାଯାଇଥିଲା। ଏଥିରେ ସଭାପତି ଭାବେ ବୁଧିରାମ ନାଏକ ମନୋନିତ ହୋଇଥିଲେ। ସମ୍ପାଦକ ଭାବେ ହେମନ୍ତ ମାଝି, ସହ ସମ୍ପାଦକ ବନିତା ଦ, ଜ୍ୟୋତି ପ୍ରକାଶ ମହାନନ୍ଦ, ଉପସଭାପତି ନିଲିମା ନାଏକ ଓ ସୁରଜ ତାଣ୍ଡି ରହିଥିବା ବେଳେ କୋଷାଧ୍ୟକ୍ଷ ଭାବେ ଦିପ୍ତି ରଞ୍ଜନ ଠାକୁର ମନୋନୀତ ହୋଇଥିଲେ। ସଭା ଲୋକନାଥ ନାଏକ ପରିଚାଳନା କରିଥିଲେ। ଲିଳାମ୍ବର ଛତ୍ରିଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଜିଲା ଶିକ୍ଷା ଅଧିକାରୀଙ୍କ ବିଦ୍ୟାଳୟ ପରିଦର୍ଶନ

ନୂଆପଡ଼ା ଅଫିସ,୨୧।୫

ନୂଆପଡା ଜିଲା କୋମନା ବ୍ଲକ ଅନ୍ତର୍ଗତ ଜଟଗଡ ପଞ୍ଚାୟତ ଭରୁଆମୁଣ୍ଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଦର୍ଶନ କରିଛନ୍ତି ଜିଲା ଶିକ୍ଷା ଅଧିକାରୀ ଫୁଲମଣି ମୁର୍ମୁ ଖୁସିବ୍ୟକ୍ତ କଲେ। ବିଦ୍ୟାଳୟ ଶ୍ରେଣୀ ଗୃହସବୁ ବୁଲି ଛାତ୍ରୀଛତ୍ରମାନଙ୍କୁ ଗଣିତ ଓ ଭାଷା ଉପରେ ପଚାରି ବୁଝିଥିଲେ। ଛାତ୍ରୀଛାତ୍ରମାନେ ଉତ୍ତର ଦେଇଥିବାରୁ ଏବଂ ବିଦ୍ୟାଳୟ ପରିସର ସଫାସୁତୁରା ଦେଖି ଜିଲା ଶିକ୍ଷା ଅଧିକାରୀ ମୁର୍ମୁ ବହୁତ ଖୁସିବ୍ୟକ୍ତ କରିଥିଲେ। ପରେ ଛାତ୍ରୀଛାତ୍ର, ଶିକ୍ଷକ ଉପସ୍ଥାନ, ଏକ୍ଟିଭିଟି କ୍ୟାଲେଣ୍ଡର, ଲାଇବ୍ରେରୀ ଇତ୍ୟାଦି ଦେଖିଥିଲେ। ମଧ୍ୟାହ୍ନ ଭୋଜନ ନୀରିକ୍ଷଣ କରି ଅଣ୍ଡାକୁ ତେଲରେ ଛାଣି ତରକାରୀ କରିଥିବାରୁ ଦେଖି ଧନ୍ୟବାଦ ଜଣାଇଥିଲେ। ଏହି ସମୟରେ ପେଡାଗୋଜି କୋର୍ଡିନେଟର ହେମନ୍ତ ଭୋଇ, ପ୍ରଧାନ ଶିକ୍ଷକ ସରଜୁ ନିଆଲ, ସହକାରୀ ଶିକ୍ଷକ ଶୁଭଶ୍ରୀ ଜାନି, ଜଗନ୍ନାଥ ସାହୁ, ସୁଧାଂଶୁ ଶେଖର ଭୋଇ, ଶୈବ ହଂସ, ଜଗନ୍ନାଥ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।


ଜିଲା ଶିକ୍ଷା ଅଧିକାରୀ ସ୍କଲ ପରିଦର୍ଶନ କରୁଛନ୍ତି।

# ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟରେ ତାଲା

**ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ**

ଗୋଲାମୁଣ୍ଡା,୨୧।୫(ଡି.ଏନ.ଏ.)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକର ଅନେକ ବିଦ୍ୟାଳୟରେ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଏଥିପାଇଁ ଅନେକ ସମୟରେ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ ହେଉଥିବା ବେଳେ ଶନିବାର ସାନଚେରଗାଁ ବସ୍ତିପଡା ନୂତନ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକ ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ବସିଥିଲେ। ଖବର ପାଇ ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ ଲବଣି ନାଏକ ବିଦ୍ୟାଳୟକୁ ଆସି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହିତ ବର୍ତ୍ତମାନ ଜଣେ ଶିକ୍ଷକ ନିଯୁକ୍ତି କରାଯାଉଛି। ଏକ ମାସ ମଧ୍ୟରେ ଜଣେ ପ୍ରଧାନଶିକ୍ଷକଙ୍କୁ ନିଯୁକ୍ତି କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣ ପ୍ରତ୍ୟାହୃତ ହୋଇଥିଲା। ପରେ ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକମାନେ ବିଦ୍ୟାଳୟ ତାଲା ଖୋଲିଥିଲେ। ଅଭିଯୋଗରୁ ଜଣାଯାଏ ଯେ, ସାନଚେରଗାଁ ବସ୍ତିପଡା ନୂତନ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ୯୮ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। କିନ୍ତୁ ବର୍ତ୍ତମାନ ଏଠାରେ ଜଣେ ମାତ୍ର ଶିକ୍ଷକ ଅଛନ୍ତି। ଗତ କିଛି ମାସ ତଳେ ପ୍ରଧାନ ଶିକ୍ଷକଙ୍କୁ ବଦଳି ହୋଇଥିବା ବେଳେ ଗତ ମାର୍ଚ୍ଚ ୧୦ ତାରିଖରୁ ଅନ୍ୟ ଜଣେ ଶିକ୍ଷୟିତ୍ରୀ ପାରିବାରିକ ସମସ୍ୟା ଯୋଗୁ ବିଦ୍ୟାଳୟକୁ ଆସୁନାହାନ୍ତି। ବର୍ତ୍ତମାନ ବିଦ୍ୟାଳୟରେ ଜଣେ ମାତ୍ର ଶିକ୍ଷକ ଥିବାରୁ ଏତେ ସଂଖ୍ୟକ ଛାତ୍ରୀଛାତ୍ରଙ୍କୁ କେବଳ ଜଗିବା ହିଁ ସାର ହେଉଛି। ଏହି ବିଦ୍ୟାଳୟରେ ଜଣେ ପ୍ରଧାନ ଶିକ୍ଷକ ନିଯୁକ୍ତି ସହିତ ଜଣେ ସହ ଶିକ୍ଷକ ନିଯୁକ୍ତି ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କଠାରେ ଦାବି କରାଯାଥିଲା। ଆଜି ପର୍ଯ୍ୟନ୍ତ ଶିକ୍ଷକ ନିଯୁକ୍ତି ହୋଇ ନ ଥିବାରୁ ବିଦ୍ୟାଳୟରେ ତାଲା ପକାଇ ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ ଓ ଛାତ୍ରୀଛାତ୍ର ଧାରଣାରେ ବସିଥିଲେ।


ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ ଏବଂ ଛାତ୍ରୀଛାତ୍ରଙ୍କ ଧାରଣା।

## ବାଇକ୍ ଧକ୍କାରେ ସାଇକେଲ ଆରୋହୀ ମୃତ

**ଲୋଇସିଂହା,(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ବଲାଙ୍ଗୀର-ବରଗଡ଼ ୨୬ ନଂ ଜାତୀୟ ରାଜପଥ ବୁର୍ଡ଼ା ଲାଇନଜୁରାଠାରେ ବାଇକ ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ଶନିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ସେ ହେଲେ ବୁର୍ଡ଼ା ର ଲାଜାର ତାଣ୍ଡି (୪୦)। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଅପରକ୍ଷେ ଦୁର୍ଘଟଣାରେ ଗୁରୁତର ବାଇକ୍ ଆରୋହୀ ଅର୍ଡ଼ା ଗ୍ରାମର ନିରଞ୍ଜନ ମହାକୁରଙ୍କୁ ବଲାଙ୍ଗୀର ସ୍ଥାନାନ୍ତରିତ କରାଯାଇଛି। ସୂଚନା ମତେ ଲାଜାର କୌଣସି କାମରେ ଲୋଇସିଂହା ଯାଇ ଘରକୁ ଫେରୁଥିବାବେଳେ ବାଟରେ ଲାଇନଜୁରାଠାରେ ତାଙ୍କୁ ପଛପଟୁ ବାଇକ ଧକ୍କା ଦେଇଥିଲା।

## ସଂକ୍ଷେପରେ

### ଡ୍ୟୁଟି ସାରି ଘରକୁ ଫେରିବା ପରେ ଚଳି ପଡିଲେ ହୋମଗାର୍ଡ

**ଅଂଶୁଘାତ ଅଭିଯୋଗ ଆଣିଲେ ପରିବାର ଲୋକେ**

**ଲୋଇସିଂହା,୨୧।୫(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ଡୁମେରପାଲି ଗାଁର ହୋମଗାର୍ଡ ଦେବରାଜ ବାଗ(୫୭)ଙ୍କ ଶନିବାର ମୃତ୍ୟୁ ଘଟିଛି। ଡ୍ୟୁଟି ସାରି ସେ ଘରକୁ ଫେରିବା ପରେ ଅସୁସ୍ଥ ହୋଇ ପଡିଥିଲେ। ପରିବାର ଲୋକେ ତାଙ୍କୁ ଚିକିତ୍ସା ପାଇଁ ଲୋଇସିଂହା ଡାକ୍ତରଖାନାକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାଲେଭଟା ଫାଣ୍ଡିରେ କାର୍ଯ୍ୟରତ ଦେବରାଜ ଲୋୟର ସୁକତେଲ ପ୍ରକଳ୍ପ ଡ୍ୟୁଟିରେ ନିୟୋଜିତ ଥିଲେ। ଅଂଶୁଘାତରେ ତାଙ୍କର ମୃତ୍ୟୁ ହୋଇଥିବା ଦେବରାଜଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଗତ ୧୭ ତାରିଖଠାରୁ ଲୋୟର ସୁକତେଲ ପ୍ରକଳ୍ପକୁ ସେ ନିୟମିତ ସକାଳୁ ଡ୍ୟୁଟିରେ ଯାଇ ଅପରାହ୍ନରେ ୫୦କିମି ଦୂର ଘରକୁ ଫେରୁଥିଲେ। ଶନିବାର କାମ ସାରି ଅପରାହ୍ନରେ ଘରକୁ ପ୍ରବଳ ଗୀଷ୍ମରେ ଫେରିଥିଲେ। ଘରେ ପହଞ୍ଚିବା ପରେ ତାଙ୍କ ମୁଣ୍ଡ ବୁଲାଇବା ସହ ବାନ୍ତି ହୋଇଥିବା ତାଙ୍କ ପରିବାର ଲୋକେ କହିଛନ୍ତି। ଦେବରାଜ ପରିବାରର ଏକମାତ୍ର ରୋଜଗାରକ୍ଷମ ବ୍ୟକ୍ତିଥିଲେ। ଦେବରାଜଙ୍କ ମୃତ୍ୟୁ ପରେ ତାଙ୍କ ସ୍ତ୍ରୀ , ଝିଅପୁଅ ଅସହାୟ ହୋଇ ପଡିଛନ୍ତି। ଜିଲା ପ୍ରଶାସନ ପକ୍ଷରୁ ଉକ୍ତ ପରିବାରକୁ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି। ଅଂଶୁଘାତରେ ଦେବରାଜଙ୍କ ମୃତ୍ୟୁ ଘଟିଥିବା ତାଙ୍କ ପରିବାର ଲୋକେ ଆଶଙ୍କା କରିଥିବା ଆଇଆଇସି ସଂଗ୍ରାମ ପଟ୍ଟନାୟକ କହିଛନ୍ତି।

### ସ୍ୱାଗତ ସମ୍ବର୍ଦ୍ଧନା, ପୁରସ୍କାର ବିତରଣ ଉତ୍ସବ

**ଲୋଇସିଂହା,୨୧।୫(ଡି.ଏନ.ଏ):** ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ହରିହର ନୋଡାଲ ଉଚ୍ଚ ବିଦ୍ୟାଳୟରେ ନବଗାତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନ ଓ ପୁରସ୍କାର ବିତରଣ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଅଶୋକ କୁମାର ତ୍ରିପାଠୀ ସଭାରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ପରିଚାଳନା କମିଟି ସମିତି ସଭାପତି ସୁରେନ୍ଦ୍ର ସା, ଉପସଭାପତି ସୁବାସିନୀ ଭୋଇ, ନକୁଳ ପଧାନ ଅତିଥି ଭାବେ ଯେଗଦେଇଥିଲେ। ଅତିଥି ଏବଂ ଶିକ୍ଷକମାନେ ସ୍କୁଲର ନବାଗତ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ପରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ମାଟ୍ରିକ ବୋର୍ଡ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ୨୦୨୦ ଶିକ୍ଷାବର୍ଷ ପାଇଁ ଦୀପକ ପଧାନ, ୨୦୨୧ ବର୍ଷ ପାଇଁ ପ୍ରତିରେଖ ସା ପୁରସ୍କୃତ ହୋଇଥିଲେ। ସେହିପରି ଅବସରପ୍ରାପ୍ତ ଶିକ୍ଷକ ସମାରୁ ପ୍ରଧାନଙ୍କ ଦ୍ୱାରା ପ୍ରଦତ୍ତ ମାଟ୍ରିକ ପରୀକ୍ଷା ସଂସ୍କୃତରେ ସର୍ବୋଚ୍ଚ ନମ୍ବର ରଖିଥିବା ୨୦୨୦ ବର୍ଷରେ ପ୍ରିୟଙ୍କା ତ୍ରିପାଠୀ ଓ ୨୦୨୧ ପାଇଁ ସୃଜନୀ ନନ୍ଦଙ୍କୁ ସଂସ୍କୃତ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ରାଜକିଶୋର ମେମୋରିଆଲ ୨୦୨୦ଟ୍‌ପାଇଁ ପିୟୁଷ ତ୍ରିପାଠୀ ଓ ୨୦୨୧ ପାଇଁ ସାମନ୍ତ କୁମ୍ଭାରଙ୍କୁ ପ୍ରଦାନ କରାଯାଇଥିଲା। ପ୍ରବନ୍ଧ ଲିଖନ, କୁଇଜ, ବିଜ୍ଞାନ, ଚିତ୍ରାଙ୍କନ ଓ ସ୍ଲୋଗାନ ପଠନରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରୀ ଶିଖା ମହାନନ୍ଦ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ମା’ ହତ୍ୟା ମାମଲାରେ ବାପାଙ୍କୁ ଜେଲ

**ବିନିକା,୨୧।୫(ଡି.ଏନ୍.ଏ.)**


ଜେଜେ ମା’ ସହ ଦୁଇ ନାତି।

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ବାବୁପାଲି ଗାଁର ମିଥୁନ ମହାକୁଡ ସ୍ତ୍ରୀ ହତ୍ୟା ଅଭିଯୋଗରେ ଜେଲରେ ଅଛନ୍ତି। ହେଲେ ତାଙ୍କର ଦୁଇ କୋମଳମତି ଶିଶୁ ମା’କୁ ସବୁଦିନ ପାଇଁ ହରାଇ ଏବେ ବେସାହାରା ହୋଇ ପଡିଛନ୍ତି। ସେମାନଙ୍କ ଉପଯୁକ୍ତ ଦେଖାଚାହାଁ ଓ ଭବିଷ୍ୟତ ନେଇ ନା ନା ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଶିଶୁ ଦୁଇଜଣ ହେଲେ ପ୍ରତ୍ୟୁଷ (୩ ବର୍ଷ ) ଓ ନିରାମୟ (ଦେଢବର୍ଷ)।

ପ୍ରକାଶ ଯେ, ଗତମାସ ୭ ତାରିଖରେ ଯୌତୁକ ପାଇଁ ମିଥୁନ ମା’ ଭୂମିସୂତାଙ୍କ ସହ ମିଶି ସ୍ତ୍ରୀ ସୁଷମାଙ୍କୁ ହତ୍ୟା କରିଥିବା ମୃତା ମହିଳାଙ୍କ ବାପଘର ପକ୍ଷରୁ ବିନିକା ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ଏହି ଘଟଣାରେ ମା’ ପୁଅଙ୍କୁ କୋର୍ଟ ଚାଲାଣ କରିଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଯାଇଥିଲା। ତେବେ ମିଥୁନଙ୍କ ଶିଶୁଦ୍ୱୟ ଅସହାୟ ଅବସ୍ଥାରେ ରହିଥିବା ସୂଚନା ପାଇ ଆଇନସେବା ପ୍ରାଧିକରଣ ସଚିବ ତୁରନ୍ତ ଜେଲ ବିଶେଷଜ୍ଞ କମିଟି ସହ ଯୋଗଯୋଗ କରି ସେମାନଙ୍କ ସୁରକ୍ଷା ଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ ଲାଗି ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଏପର୍ଯ୍ୟନ୍ତ କୌଣସି ପ୍ରକାର ସରକାରୀ ସହାୟତା ପିଲା ଦୁହିଁଙ୍କୁ ମିଳି ପାରିନାହିଁ। ଦେଢମାସ ହେବ ପ୍ରତ୍ୟୁଷ ଓ ନିରାମୟ ତାଙ୍କ କାକା/ଖୁଡୀଙ୍କ ହେପାଜତରେ ଥିଲେ। ନିକଟରେ ହତ୍ୟା ମାମଲାରେ ଜେଲରେ ଥିବା ସୁଷମାଙ୍କ ଶାଶୁ ଭୂମିସୂତାଙ୍କୁ ଜାମିନ ମିଳିଛି। ମାନ୍ୟବର ଅଦାଲତ ସ୍ୱାସ୍ଥ୍ୟଗତ ଅବସ୍ଥା ଜଟିଳ ଥିବାର ଅବଗତ ହୋଇ ତାଙ୍କ ଜାମିନ ଆବେଦନ ମଞ୍ଜୁର କରି ତାଙ୍କୁ ଛାଡି ଦେଇଥିବା ଜଣାଯାଇଛି।

**କୋମଳମତି ଦୁଇ ଶିଶୁ ଏବେ ବେସାହାରା**

ବର୍ତ୍ତମାନ ଉଭୟ ଶିଶୁଙ୍କ ଦେଖାଚାହାଁ କରୁଛନ୍ତି ଭୂମିସୂତା। ଘଟଣା ସମ୍ପର୍କରେ ସେ କହିଛନ୍ତି ଯେ, ତାଙ୍କ ବୋହୂ ସୁଷମାଙ୍କ ମୃତ୍ୟୁ ହେବା ଦିନ ସେ ଘରେ ନ ଥିଲେ। ତାଙ୍କୁ ଓ ତାଙ୍କ ପୁଅକୁ ଜାଣିଶୁଣି ଫସାଇ ଦିଆଯାଇଛି। ଏବେ ଦୁଇ ନାତିଙ୍କ କଥା ବୁଝି ଦିନ କାଟିବି ବୋଲି କହିଛନ୍ତି। ସରକାରୀ ସାହାଯ୍ୟ ପ୍ରଦାନ ନେଇ ବାବୁପାଲି ଗ୍ରାପ କାର୍ଯ୍ୟନିର୍ବାହୀ ଅଧିକାରୀ ନିମାଇଁ ଚରଣ ନାଇକଙ୍କୁ ପଚାରିବାରେ ଏବେ ରାଶନ କାର୍ଡ ହୋଇପାରିବ ନାହିଁ। ପିଲାଦ୍ୱୟଙ୍କ ମାସିକ ଭତ୍ତା ପ୍ରଦାନ ନିମନ୍ତେ ପଦକ୍ଷେପ ନେବି ବୋଲି କହିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚର୍ତ୍ତୁଭୁଜ ଦାଶ କୁହନ୍ତି ଉଭୟ ଶିଶୁଙ୍କ ଯତ୍ନରେ ଅବହେଳା ହେଲେ ବିହିତ ପଦକ୍ଷେପ ନିଆଯିବ। ଏଥିସହିତ ସମସ୍ତ ସରକାରୀ ସୁବିଧା ଯୋଗାଇ ଦିଆଯିବ ବୋଲି ସେ କହିଥିଲେ।

# ୫୧ ୟୁନିଟ ରକ୍ତ ସଂଗ୍ରହ



ବଡଖମାରରେ ରକ୍ତଦାନ ଶିବିର।

**ଅମରପାଲି,୨୧।୫(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଅନ୍ତର୍ଗତ ବଡ଼ଖମାରଠାରେ ପୂର୍ବତନ ବିଧାୟକ ସ୍ୱର୍ଗତ ବୈଷ୍ଣବ ପଧାନଙ୍କ ୧୮ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଓଡ଼ିଶା ମୋ’ ପରିବାର ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୫୧ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା। କାର୍ଯ୍ୟକ୍ରମ ଆରମ୍ଭରେ ସ୍ୱର୍ଗତ ପଧାନଙ୍କ ସ୍ମୃତିଚାରଣ ପୂର୍ବକ ଶ୍ରଦ୍ଧାଞ୍ଜଳି ସଭା ଓ ନୀରବ ପ୍ରାର୍ଥନା କରାଯାଇଥିଲା। ଏଥିରେ ଓଡ଼ିଶା ମୋ ପରିବାର କାର୍ଯ୍ୟକ୍ରମର ଜିଲା ସଂଯୋଜକ ରଞ୍ଜିତ ରଥ, ବୀରମହାରାଜପୁର ବ୍ଲକ ଅଧ୍ୟକ୍ଷ ଶାନ୍ତି ଲୁହା, ଉପାଧ୍ୟକ୍ଷ ନାରାୟଣ ଲୁହା, ବରିଷ୍ଠ ନେତା ସ୍ୱୟମ୍ଭୁନାଥ ଖଣ୍ଡଗିରି, ପ୍ରଦୀପ ମିଶ୍ର, ଶ୍ରୀନିବାସ ଚାନ୍ଦ, ବିବେକାନନ୍ଦ ପଧାନ, ବିନୋବାନନ୍ଦ ପଧାନଙ୍କ ସମେତ ବିଭିନ୍ନ ପଞ୍ଚାୟତର ସରପଞ୍ଚବୃନ୍ଦ ଉପସ୍ଥିତ ଥିଲେ। ସୋନପୁର ରକ୍ତ ଭଣ୍ଡାରର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ।

# ଶୋ ରୁମ ମାଲିକଙ୍କୁ କାରଣ ଦର୍ଶାଅ ନୋଟିସ

**ବୌଦ୍ଧ,୨୧।୫(ସ୍ୱ.ପ୍ର.)**

ନୂତନ ଗାଡି ଗ୍ରାହକଙ୍କୁ ହସ୍ତାନ୍ତର କରିବା ପୂର୍ବରୁ ଶୋ ରୁମ ମାଲିକମାନେ ପରିବହନ କାର୍ଯ୍ୟାଳୟରେ ପଞ୍ଜୀକୃତ କରାଇବା ବାଧତାମୂଳକ ରହିଛି। ନୂତନ ଗାଡିର ପଞ୍ଜୀକୃତ ନମ୍ବର ବାହାରିବା ପରେ ନମ୍ବର ପ୍ଲେଟ ଲଗାଇ ଗ୍ରାହକଙ୍କୁ ଶୋରୁମ ମାଲିକମାନେ ବିକ୍ରୟ କରିପାରିବେ। କିନ୍ତୁ ବୌଦ୍ଧ ଜିଲାରେ ଜଣେ ବାଇକ୍ ଶୋ ରୁମ ମାଲିକ ନକଲି ଚେଚିସ ଓ ଇଞ୍ଜିନ ନମ୍ବର ପକାଇ ଗାଡି ପଞ୍ଜୀକୃତ ପାଇଁ ପରିବହନ କାର୍ଯ୍ୟାଳୟକୁ ପଠାଇ ଧରାପଡିଛନ୍ତି।ଏଥିପାଇଁ ତାଙ୍କୁ ଆଞ୍ଚଳିକ ପରିବହନ ଅଧିକାରୀ ଶନିବାର କାରଣ ଦର୍ଶାଅ ନୋଟିସ ଜାରି କରଛନ୍ତି।

**ନକଲି ଚେଚିସ ଓ ଇଞ୍ଜିନ ନମ୍ବର ଦେଇ ଗାଡି ପଞ୍ଜୀକୃତ ପାଇଁ ପଠାଯାଇଥିଲା**

ସୂଚନା ମୁତାବକ, ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡାର ଅନ୍ନପୂର୍ଣ୍ଣା ମୋଟରର୍ସ ପକ୍ଷରୁ ଦୁଇଗୋଟି ବାଇକ୍ ପଞ୍ଜୀକୃତ କରିବା ପାଇଁ ଆବଶ୍ୟକ କାଗଜପତ୍ର ବୌଦ୍ଧ ଆଞ୍ଚଳିକ ପରିବହନ କାର୍ଯ୍ୟାଳୟକୁ ପଠାଇଥିଲେ। କିନ୍ତୁ ବାଇକ୍ ଦୁଇଟିର କାଗଜପତ୍ର ଯାଞ୍ଚ ପରେ ତାହାର ଇଞ୍ଜିନ ଓ ଚେଚିସ ନମ୍ବର ମିଶୁ ନ ଥିବା ଜଣାପଡିଥିଲା। ତେଣୁ ଆଞ୍ଚଳିକ ପରିବହନ ଅଧିକାରୀ ଉକ୍ତ ଶୋ ରୁମର ମାଲିକ ଦେବାନନ୍ଦ ସାହୁଙ୍କ ନାମରେ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଏଥିସହିତ ଉଦ୍ଦେଶ୍ୟମୂଳକ ଭାବରେ ଭୁଲ କାଗଜପତ୍ର ପ୍ରସ୍ତୁତ କରି ପଞ୍ଜୀକରଣ ପାଇଁ ପଠାଇ ଥିବାରୁ ତାଙ୍କ ବିରୋଧରେ କାହିଁକି ଅପରାଧିକ ମାମଲା ରୁଜୁ କରା ନ ଯିବ ବୋଲି କୁହାଯାଇଛି ଏପରି କି ନୋଟିସ ପାଇବାର ୨୪ ଘଣ୍ଟା ମଧ୍ୟରେ ଜଣାଇବାକୁ ଉଲ୍ଲେଖ ରହିଛି। ବୌଦ୍ଧ ଜିଲା ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ଉକ୍ତ ଶୋରୁମର ଲାଇସେନ୍ସ ଅସ୍ଥାୟୀ ଭାବରେ ବାତିଲ କରାଯାଇଛି। ସନ୍ତୋଷଜନକ କାରଣ ଦର୍ଶାଇ ନ ପାରିଲେ ଲାଇସେନ୍ସ ରଦ୍ଦ କରାଯିବ ବୋଲି ସୂଚନା ମିଳିଛି।

## ପୋଲିସ ହାତରେ ଧରାପଡ଼ିଲେ ବାଇକ୍ ଚୋର

**ଜୁନାଗଡ଼,୨୧।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଜୁନାଗଡ଼ ଥାନା ଅନ୍ତର୍ଗତ ବଣ୍ଡାକୁତ୍ରା ଗ୍ରାମରୁ ବାଇକ୍ ଚୋରି ଅଭିଯୋଗରେ ସ୍ଥାନୀୟ ପୋଲିସ ଜଣେ ଯୁବକଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଧର୍ମଗଡ଼ ଥାନା ଅନ୍ତର୍ଗତ ସରଧାପୁର ଗ୍ରାମର ନାଗେଶ୍ୱର ବିହାରୀ (୨୦)। ଗତ ୫ ତାରିଖ ରାତିରେ ଜୁନାଗଡ଼ ଥାନା ବଣ୍ଡାକୁତ୍ରା ଗ୍ରାମର ବସନ୍ତ ପାନ ବାଇକ୍ (ନଂ.ଓ୦୮ଜେ-୪୯୨୩)ରେ ଗ୍ରାମର ଏକ ବିବାହ ଉତ୍ସବରେ ଯୋଗଦେବା ପାଇଁ ଯାଇଥିଲେ। ସେଠାରେ ସେ ବାଇକ୍ ରଖି ଭିତରକୁ ଯାଇଥିବା ବେଳେ ଚୋରି ହୋଇଥିଲା।

# ଲତିଫ୍ ଅନ୍‌ସାରୀ ହତ୍ୟା ଘଟଣାର ପର୍ଦ୍ଦାଫାଶ


ଖବରଦାତା ସମ୍ମିଳନୀରେ କଣ୍ଟାବାଞ୍ଜି ଏସଡିପିଓ ହତ୍ୟାକାଣ୍ଡ ସମ୍ପର୍କରେ ସୂଚନା ଦେଉଛନ୍ତି।

**କଣ୍ଟାବାଞ୍ଜି, ୨୧।୫ (ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ପୋଲିସ ଥାନା ଅନ୍ତର୍ଗତ ଦାବିରି ରେଳଲାଇନ କଡରେ ରେଲୱେ ଠିକା କର୍ମଚାରୀ ଲତିଫ୍ ଅନସାରୀ (୨୫)ଙ୍କୁ ତାଙ୍କ ସହଯୋଗୀମାନେ ହତ୍ୟା କରି ପୋତି ଦେଇଥିଲେ। ଏହି ଘଟଣାର ୩ଅଭିଯୁକ୍ତଙ୍କୁ କଣ୍ଟାବାଞ୍ଜି ପୋଲିସ ଝାଡଖଣ୍ଡରୁ ଗିରଫ କରିଥିବା ଶନିବାର ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଇଛି।

ଗତ ୨୦୨୦ ନଭେମ୍ବର ମାସରେ ଲତିଫ ଅନସାରୀ ନାମକ ଜଣେ ଯୁବକ କଣ୍ଟାବାଞ୍ଜିରୁ ନିଖୋଜ ହୋଇଥିବା ନେଇ ତାଙ୍କ ପରିବାର ଲୋକେ ଅଭିଯୋଗ କରିଥିଲେ। ଅଭିଯୋଗ ଉପରେ କଣ୍ଟାବାଞ୍ଜି ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଅନୁସନ୍ଧାନରୁ ଗତ ଜାନୁୟାରୀ ମାସରେ ଏହି ଥାନା ଅନ୍ତର୍ଗତ ଦାବରି ଗାଁ ନିକଟ ରେଳ ଲାଇନ କଡ ଏକ ଜମିରୁ ନରକଙ୍କାଳ ଉଦ୍ଧାର ହୋଇଥିଲା। ଅଧିକ ଛାନଭିନ ପରେ ଅଭିଯୁକ୍ତମାନେ ଲତିଫଙ୍କୁ ହତ୍ୟା କରି ଉକ୍ତ ଜମିରେ ପୋତି ଦେଇ ଫେରାର ହୋଇଯାଇଥିଲେ। ଝାଡଖଣ୍ଡ ରାଜ୍ୟ ରାଞ୍ଚି ଜିଲା ମନ୍ଦରା ଥାନା ସକ୍ରା ଗାଁର ଲତିଫ ଅନସାରି ସେହି ଗାଁର ଅନ୍ୟମାନଙ୍କ ସହ ରେଲୱେର ଠିକାକାମ କରିବା ପାଇଁ କଣ୍ଟାବାଞ୍ଜି ଆସିଥିଲେ। କୌଣସି କାରଣରୁ ଗଣ୍ଡଗୋଳ ଘଟିବାରୁ ତାଙ୍କ ସାଥୀ ଶ୍ରମିକମାନେ ତାଙ୍କୁ ହତ୍ୟା କରି ମାଟି ତଳେ ପୋତି ଦେଇଥିଲେ। ଏହି ହତ୍ୟା ଘଟଣା ଉପରେ ପୋଲିସ ଅଧିକ ଛାନ୍‌ଭିନ୍ କରିବା ପରେ ଅଭିଯୁକ୍ତ ସହନୱାଜ (୨୪), ଆଫ୍ରୋଜ ଅନସାରି (୨୧) ଓ ସଇଦ ଅନସାରି (୨୨)ଙ୍କୁ ଗିରଫ କରିଛି। ଏହି ଅଭିଯୁକ୍ତମାନେ ମିଳିତ ଭାବେ ଲତିଫ୍‌ଙ୍କୁ ଶାବଳ, ଛୁରି, ରଫା ଓ ରଡରେ ମାଡମାରି ହତ୍ୟା ପରେ ପୋତି ଦେଇଥିବା ପୋଲିସ ପକ୍ଷରୁ କୁହାଯାଇଛି। ଗିରଫ ଅଭିଯୁକ୍ତମାନଙ୍କୁ ଗିରଫ କରିବା ପରେ ଶନିବାର କୋର୍ଟଚାଲଣ କରାଯାଇଥିଲା। ଜାମିନ୍ ନାମଞ୍ଜୁର ହେବାରୁ ତିନି ଅଭିଯୁକ୍ତଙ୍କୁ କଣ୍ଟାବାଞ୍ଜି ସବ୍‌ଜେଲକୁ ପଠାଇ ଦିଆଯାଇଥିବା ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ଖବରଦାତା ସମ୍ମିଳନୀରେ କଣ୍ଟାବାଞ୍ଜି ଏସ୍‌ଡିପିଓ ଡ. ହୃଷୀକେଶ ମେହେର, ଥାନା ଆଇଆଇସି ସତ୍ୟଜିତ କନ୍ଦନକେଲ, ସବ୍‌ଇନ୍ସପେକ୍ଟର ସୌମ୍ୟକିଶୋର ବାରିକ, ସବ୍‌ଇନ୍ସପେକ୍ଟର ଧର୍ମରାଜ ପଟେଲ ଉପସ୍ଥିତ ଥିଲେ।

**୪ ମାସ ପରେ ରାଞ୍ଚିରୁ ୩ ଅଭିଯୁକ୍ତ ଗିରଫ**

# ଜଳଯୋଗାଣ ନାଁରେ ରାସ୍ତା ବେହାଲ: ଯାତାୟାତରେ ଅସୁବିଧା

**ଡୁଙ୍ଗୁରିପାଲି,୨୧।୫(ଡି.ଏନ.ଏ.)**


ଡୁଙ୍ଗୁରିପାଲି ବ୍ଲକ ଲରିଆବାହାଲ ଗାଁରେ ଠିକାସଂସ୍ଥା ରାସ୍ତା ଖୋଳି ପକାଇ ରଖିଛି।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଲରିଆବାହାଲ ଗାଁରେ ଜଳଯୋଗାଣ ପାଇଁ ରାସ୍ତା ବେହାଲ ହୋଇପଡିଛି। ଫଳରେ ଯିବା ଆସିବାରେ ବହୁତ ଅସୁବିଧା ହେଉଛି। ପାନୀୟ ଜଳଯୋଗାଣ ପାଇଁ ରାସ୍ତାରେ ଗାତ ଖୋଳାଯାଇ ଦୀର୍ଘ ଦିନ ହେଲା ସେମିତି ପକାଇ ରଖାଯାଇଛି। ଗାଁ ଭିତର ରାସ୍ତା ହୋଇଥିବାରୁ ପ୍ରତିଦିନ ସେହି ରାସ୍ତାରେ ସମସ୍ତେ ଯିବା ଆସିବା କରି ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯାନବାହାନ ଚଳାଚଳ ଯୋଗୁ ଅବସ୍ଥା ଆହୁରି ଖରାପ। ଟିକିଏ ଅନ୍ୟମନସ୍କ ହେଲେ ଦୁର୍ଘଟଣା ଘଟିବା ଆଶଙ୍କା ରହିଛି। ସୂଚନାଯୋଗ୍ୟ, ଲରିଆବାହାଲ ଗ୍ରାମକୁ ପାନୀୟ ଜଳ ଯୋଗାଣ ପାଇଁ ଗତ ଅଗଷ୍ଟ ମାସରୁ ପାଇପ ପୋତିବାକୁ ଯାଇ ଗ୍ରାମ ଭିତରେ ଥିବା କଂକ୍ରିଟ ରାସ୍ତାକୁ ଏମୁଣ୍ଡରୁ ସେମୁଣ୍ଡ ଯାଏ ଖୋଳାଯାଇ ପକାଇ ରଖାଯାଇଛି। ରାସ୍ତା ସାରା ସିମେଣ୍ଟ କଂକ୍ରିଟ ଗୁଣ୍ଡ ପଡିରହିଛି। ଲୋକେ ଘରୁ ବାହାରିଲେ ଝୁଣ୍ଟି ଆହତ ହେବା ସାଧାରଣ ଘଟଣା ହୋଇଛି। ଛାତ୍ରୀଛାତ୍ର ମାନେ ସାଇକେଲ ଧରି କିଛି ବାଟ ଚାଲି ଚାଲି ଯାଇ ଗ୍ରାମ ବାହାରେ ବସୁଛନ୍ତି। ଆମ୍ବୁଲାନ୍ସ ଗାଁ ଭିତରକୁ ଆସିବାରେ ସମସ୍ୟା ହେଉଛି। ସଂପୃକ୍ତ ଠିକା ସଂସ୍ଥା କାମ ସରିଲା ପରେ ରାସ୍ତା ନ ପୋତି କାମ ଅଧାପନ୍ତରିଆ କରି ପକାଇ ରଖିଛି। ତେଣୁ ଗାଁ ଲୋକେ ସମସ୍ୟାରେ ପଡୁଛନ୍ତି। ତୁରନ୍ତ ଏହାର ସମାଧାନ କରା ନ ଗଲେ ଆନ୍ଦୋଳନ କରାଯିବ ଗ୍ରାମବାସୀ ଚେତାବନୀ ଦେଇଛନ୍ତି। ଏନେଇ ବିଭାଗୀୟ ଯନ୍ତ୍ରୀ ରଞ୍ଜନ ପଟେଲଙ୍କୁ ଯୋଗାଯୋଗ କରିବାରେ ସମ୍ପୃକ୍ତ ଠିକାଦାରଙ୍କୁ ଦିନେ ଦୁଇଦିନ ଭିତରେ କାମ ସମ୍ପୂର୍ଣ୍ଣ କରିବାକୁ କୁହାଯିବ ବୋଲି ପ୍ରକାଶ କରିଥିଲେ।

## ମୌଳିକ ସାକ୍ଷରତା, ସଂଖ୍ୟାଜ୍ଞାନ ସମ୍ପର୍କିତ ତାଲିମ

**ଲାଞ୍ଜିଗଡ,୨୧।୫(ଡି.ଏନ.ଏ.)**

କଳାହାଣ୍ଡି ଜିଲା ଲାଞ୍ଜିଗଡ ବ୍ଲକ ଅନ୍ତର୍ଗତ ଲାଞ୍ଜିଗଡ଼ ରୋଡ଼ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ କ୍ଲଷ୍ଟରସ୍ତରୀୟ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ସମ୍ପର୍କିତ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଲାଞ୍ଜିଗଡରୋଡ଼, ମସ୍କାଗୁଡା, ଗୋବର୍ଦ୍ଧନପୁର ଓ ଭଟାଙ୍ଗପଦର କ୍ଲଷ୍ଟରର ୬୨ଜଣ ଶିକ୍ଷକଶିକ୍ଷୟିତ୍ରୀ ଅଂଶଗ୍ରହଣ କରିଥିଲେ। ଲାଞ୍ଜିଗଡ ଗୋଷ୍ଠୀ ଶିକ୍ଷା ଅଧିକାରୀ ସଞ୍ଜୀବ କୁମାର ନାଏକଙ୍କ ଅଧ୍ୟକ୍ଷତାରେ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପଦ୍ମଲୋଚନ ସୁନା ଓ ସ୍ଥାନୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ସାହୁ ଯୋଗଦେଇଥିଲେ। ଜିଲା ସାଧନ କର୍ମୀ ଜିତେନ୍ଦ୍ର କୁମାର ବିଶ୍ୱାଳ ଓ ଗୋବର୍ଦ୍ଧନପୁର ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ତପନ କୁମାର ଭୋଇ ପରିଚାଳନା କରିଥିଲେ। ପ୍ରତ୍ୟେକ ଛାତ୍ରୀଛାତ୍ର କିପରି ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନ ଦକ୍ଷତା ହାସଲ କରିବେ ସେ ସମ୍ପର୍କରେ ଶିକ୍ଷକମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ଆଞ୍ଚଳିକ ସାଧନ କର୍ମୀ ପ୍ରକାଶ ଚନ୍ଦ୍ର ପ୍ରଧାନ, ଭାରତ ଭୂଷଣ ସାହୁ, ଗୁରୁ ଗୋବିନ୍ଦ ମହାନ୍ତି ସହଯୋଗ କରିଥିଲେ।

# ଆଦିବାସୀ ଛାତ୍ରୀଙ୍କୁ ପ୍ରଧାନ ଶିକ୍ଷକଙ୍କ ଅସଦାଚରଣ

**ଭବାନୀପାଟଣା,୨୧।୫(ସ୍ୱ.ପ୍ର.)**

ପୁଣି ଗୁରୁ ଶିଷ୍ୟ ପବିତ୍ର ସମ୍ପର୍କରେ ଲାଗିଛି କଳଙ୍କର ଛିଟା। ଛାତ୍ରୀମାନଙ୍କୁ ପ୍ରଧାନ ଶିକ୍ଷକଙ୍କ ଅସଦାଚରଣ ଭଳି ଗୁରୁତର ଅଭିଯୋଗ ସାମ୍ନାକୁ ଆସିଛି କଳାହାଣ୍ଡି ଜିଲାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳ ଥୁଆମୂଳ ରାମପୁର ବ୍ଲକରେ। ଏହି ବ୍ଲକର ଆଦିବାସୀ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ୧୦୦ ଶଯ୍ୟା ବିଶିଷ୍ଟ ଛାତ୍ରୀ ନିବାସର ୬ଜଣ ଛାତ୍ରୀ ଆଣିଛନ୍ତି ଏଭଳି ଅଭିଯୋଗ। ଏଠାରେ ରହୁଥିବା ଛାତ୍ରୀମାନଙ୍କୁ ପ୍ରଧାନ ଶିକ୍ଷକ ଅସଦାଚରଣ କରୁଥିବା ଓ ନିଜ ବାପା ମା’ଙ୍କୁ ଛାତ୍ରୀମାନେ ଜଣାଇଲେ ସାର୍ଟିଫିକେଟ ଦେଇ ବହିଷ୍କାର କରିଦେବାକୁ ଧମକ ଦେଉଥିବା ଅଭିଯୋଗ ଆଣିଛନ୍ତି। ଫଳରେ ୬ଜଣ ଛାତ୍ରୀ ଭୟରେ କାନ୍ଦି କାନ୍ଦି ହଷ୍ଟେଲ ଛାଡି ଚାଲିଯାଉଥିବା ଦେଖି ଗ୍ରାମବାସୀ ଅଟକାଇ ଘଟଣା ବିଷୟରେ ଜାଣିବାକୁ ଚାହିଁଥିଲେ। ପରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୋମେଶ୍ୱର ବେହେରା ପହଞ୍ଚି ଛାତ୍ରୀମାନଙ୍କୁ ସୁରକ୍ଷା ସ୍ୱରୂପ ଗ୍ରାମର ଓଏଲଏମ ଗୃହରେ ରଖି ବିଦ୍ୟାଳୟରେ ପ୍ରଦତ୍ତ ଗଣଶିକ୍ଷା ବିଭାଗ ଟୋଲ ଫ୍ରି ନମ୍ବରରେ ଅଭିଯୋଗ ଜଣାଇଥିବା ପ୍ରକାଶ କରିଛନ୍ତି। ଏଭଳି ଅଭିଯୋଗ ପରେ ସ୍ଥାନୀୟ ବ୍ଲକ ସମ୍ପ୍ରସାରଣ ଅଧିକାରୀ ଗଙ୍ଗାଧର ବେହେରା ଓ ବ୍ଲକ ଶିକ୍ଷା ବିଭାଗ ପକ୍ଷରୁ ବିଜୟ କୁମାର ବେହୁରା ପହଞ୍ଚି ଅଭିଯୋଗ କାରୀ ଛାତ୍ରୀମାନଙ୍କଠାରୁ ଘଟଣା ସମ୍ପର୍କରେ ବୁଝିଥିଲେ। ୬ଜଣ ଛାତ୍ରୀ ଏସବୁ ଅଭିଯୋଗ ନେଇ ପ୍ରଶାସନକୁ ଲିଖିତ ଜଣାଇବା ପରେ ଛାତ୍ରୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ତୁରନ୍ତ ଅଭିଯୁକ୍ତ ପ୍ରଧାନ ଶିକ୍ଷକଙ୍କୁ ଦାୟିତ୍ୱରୁ ହଟାଇ ଶିକ୍ଷୟିତ୍ରୀ ଆହ୍ଲାଦିନୀ ମଣି ବାଗଙ୍କୁ ଦିଆଯାଇଥିବା ସୂଚନା ଦିଆଯାଇଛି। ସୂଚନା ପାଇ ଥୁଆମୂଳ ରାମପୁର ଥାନା ଅଧିକାରୀ ଗୋବିନ୍ଦ ମାଝି ଓ ବିଡିଓ ଶୁଭକାନ୍ତ ନାଏକ ବିଦ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏହାପରେ ଜିଲା ମଙ୍ଗଳ ଅଧିକାରୀ ଓ ଜିଲା ଚାଇଲ୍ଡ ହେଲ୍ପ ଲାଇନ ବିଭାଗ ପହଞ୍ଚି ଛାତ୍ରୀମାନଙ୍କ ଅଭିଯୋଗ ଶୁଣିଥିଲେ। ସମ୍ପୃକ୍ତ ପ୍ରଧାନ ଶିକ୍ଷକଙ୍କୁ ପଚରାଉଚରା ପାଇଁ ଥାନାରେ ଅଟକ ରଖିଛି ପୋଲିସ। ତେବେ ତଦନ୍ତ ପରେ ହିଁ ପ୍ରକୃତ ରହସ୍ୟ ପଦାକୁ ଆସିବ ଓ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ତଦନ୍ତ କରୁଥିବା ଅଧିକାରୀଙ୍କଠୁ ଜଣାପଡ଼ିଛି। ଛାତ୍ରୀମାନଙ୍କ ଅଭିଯୋଗ ଅନୁସାରେ ହଷ୍ଟେଲକୁ କେବଳ ମହିଳା ୱାର୍ଡେନ ହିଁ ଯାଇପାରିବେ। କିନ୍ତୁ ପ୍ରଧାନ ଶିକ୍ଷକ ବିନା ଅନୁମତିରେ ପ୍ରବେଶ କରି ଛାତ୍ରୀମାନଙ୍କୁ ଅସଦାଚରଣ କରୁଥିବା ଅଭିଯୋଗ ହୋଇଛି। ଏପରିକି ଛାତ୍ରୀମାନେ ଗାଧୋଉ ଥିବା ଓ ଡ୍ରେସ ବଦଳାଉ ଥିବା ବେଳେ ପ୍ରଧାନ ଶିକ୍ଷକ ଲୁଚି ଦେଖିବା ଅଭିଯୋଗ କରିଛନ୍ତି।

# ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟରେ ତାଲା

**ଗୋଲାମୁଣ୍ଡା,୨୧।୫(ଡି.ଏନ.ଏ.)**


ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ ଏବଂ ଛାତ୍ରୀଛାତ୍ରଙ୍କ ଧାରଣା।

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକର ଅନେକ ବିଦ୍ୟାଳୟରେ ଶିକ୍ଷକ ପଦବୀ ଖାଲି ପଡ଼ିଛି। ଏଥିପାଇଁ ଅନେକ ସମୟରେ ବିଦ୍ୟାଳୟରେ ତାଲା ପକାଇ ଆନ୍ଦୋଳନ ହେଉଥିବା ବେଳେ ଶନିବାର ସାନଚେରଗାଁ ବସ୍ତିପଡା ନୂତନ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ଦାବିରେ ବିଦ୍ୟାଳୟ ପରିଚାଳନା କମିଟି ଓ ଅଭିଭାବକ ବିଦ୍ୟାଳୟରେ ତାଲା ପକାଇ ଧାରଣାରେ ବସିଥିଲେ। ଖବର ପାଇ ଗୋଷ୍ଠୀ ସହ ଶିକ୍ଷା ଅଧିକାରୀ ଲବଣି ନାଏକ ବିଦ୍ୟାଳୟକୁ ଆସି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିବା ସହିତ ବର୍ତ୍ତମାନ ଜଣେ ଶିକ୍ଷକ ନିଯୁକ୍ତି କରାଯାଉଛି। ଏକ ମାସ ମଧ୍ୟରେ ଜଣେ ପ୍ରଧାନଶିକ୍ଷକଙ୍କୁ ନିଯୁକ୍ତି କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣ ପ୍ରତ୍ୟାହୃତ ହୋଇଥିଲା। ପରେ ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକମାନେ ବିଦ୍ୟାଳୟ ତାଲା ଖୋଲିଥିଲେ। ଅଭିଯୋଗରୁ ଜଣାଯାଏ ଯେ, ସାନଚେରଗାଁ ବସ୍ତିପଡା ନୂତନ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ଯାଏ ୯୮ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। କିନ୍ତୁ ବର୍ତ୍ତମାନ ଏଠାରେ ଜଣେ ମାତ୍ର ଶିକ୍ଷକ ଅଛନ୍ତି। ଗତ କିଛି ମାସ ତଳେ ପ୍ରଧାନ ଶିକ୍ଷକଙ୍କୁ ବଦଳି ହୋଇଥିବା ବେଳେ ଗତ ମାର୍ଚ୍ଚ ୧୦ ତାରିଖରୁ ଅନ୍ୟ ଜଣେ ଶିକ୍ଷୟିତ୍ରୀ ପାରିବାରିକ ସମସ୍ୟା ଯୋଗୁ ବିଦ୍ୟାଳୟକୁ ଆସୁନାହାନ୍ତି। ବର୍ତ୍ତମାନ ବିଦ୍ୟାଳୟରେ ଜଣେ ମାତ୍ର ଶିକ୍ଷକ ଥିବାରୁ ଏତେ ସଂଖ୍ୟକ ଛାତ୍ରୀଛାତ୍ରଙ୍କୁ କେବଳ ଜଗିବା ହିଁ ସାର ହେଉଛି। ଏହି ବିଦ୍ୟାଳୟରେ ଜଣେ ପ୍ରଧାନ ଶିକ୍ଷକ ନିଯୁକ୍ତି ସହିତ ଜଣେ ସହ ଶିକ୍ଷକ ନିଯୁକ୍ତି ପାଇଁ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କଠାରେ ଦାବି କରାଯାଥିଲା। ଆଜି ପର୍ଯ୍ୟନ୍ତ ଶିକ୍ଷକ ନିଯୁକ୍ତି ହୋଇ ନ ଥିବାରୁ ବିଦ୍ୟାଳୟରେ ତାଲା ପକାଇ ବିଦ୍ୟାଳୟ ପରିଚାଳନା କମିଟି, ଅଭିଭାବକ ଓ ଛାତ୍ରୀଛାତ୍ର ଧାରଣାରେ ବସିଥିଲେ।

**ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ଧାରଣା ପ୍ରତ୍ୟାହୃତ**